## ସଂକ୍ଷେପରେ

### ଘସିପୁରା ବାରୁଣୀ ମେଳା ବାତିଲ

ଘସିପୁରା,୧୬।୩(ଡି.ଏନ.ଏ.)- ପବିତ୍ର ବାରୁଣୀସ୍ନାନ ଉପଲକ୍ଷେ ଘସିପୁରାଠାରେ ହେବାକୁ ଥିବା ପ୍ରସିଦ୍ଧ ବାରୁଣୀ ମେଳାକୁ ବାତିଲ କରିଦିଆଯାଇଛି। ସୋମବାର ଏନେଇ ଉପଜିଲାପାଳ ରବୀନ୍ଦ୍ର ସାହୁଙ୍କ ଉପସ୍ଥିତିରେ ଏକ ବୈଠକରେ ଆଲୋଚନା କରିବା ପରେ ମେଳା ବାତିଲ ପାଇଁ ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। 'କରୋନା' ରୋଗର ସତର୍କତା ଦୃଷ୍ଟିରୁ ମେଳାରେ ଜନସମାଗମକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଜନସାଧାରଣଙ୍କୁ ସୁରକ୍ଷିତ ରଖିବାକୁ ମେଳା ବାତିଲ କରାଯାଇଥିବା ମନ୍ଦିର କମିଟି କର୍ମକର୍ତ୍ତା ଚକ୍ରଧର ସାହୁ, ପପୁ ପଢ଼ିଆରୀ କହିଛନ୍ତି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ, ୧୬।୩(ଡି.ଏନ୍.ଏ.)- ପଣ୍ଡାପଡ଼ା ଥାନା ଅନ୍ତର୍ଗତ ସହରଟାଙ୍ଗିରି ଗ୍ରାମରେ ଲୋକନାଥ ଜୁଆଙ୍ଗ(୨୦) ନାମକ ଜଣେ ଯୁବକ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସୋମବାର ପୂର୍ବାହ୍ନ ୧୦ଟାରେ ସେ ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ପୋଖରୀରେ ତାଙ୍କ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ଘର ଲୋକ ଲୋକନାଥଙ୍କୁ ଖୋଜା ଖୋଜି କରି ପାଇ ନଥିଲେ। ମାତ୍ର ୧୨ଟାବେଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ପଣ୍ଡାପଡ଼ା ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କୁ ଖବର ଦେଇଥିଲେ। ଖବର ପାଇ ଆଇଆଇସି ଏବଂ ଏଏସ୍ଆଇ ଦୁଃଶାସନ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଡାକ୍ତରଖାନାକୁ ପଠାଇଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ରାସ୍ତା ଦୂରାବସ୍ଥା ନେଇ ମାମଲା ରୁଜୁ

କେନ୍ଦୁଝର, ୧୬।୩(ଡି.ଏନ.ଏ./ସ୍ୱ.ପ୍ର.)- କେନ୍ଦୁଝର ଜିଲା ଦେଇ ଯାଇଥିବା ୨୦ନଂ ଜାତୀୟ ରାଜପଥର ଦୁରାବସ୍ଥା, ରକ୍ଷଣାବେକ୍ଷଣ ଓ ନିର୍ମାଣ କାର୍ଯ୍ୟରେ ଉଦାସୀନତା ପାଇଁ ଜିଲାପାଳ ଆଶିଷ ଠାକ୍ରେଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ବିରୋଧରେ ସିଆର୍‌ପିସି ଅନୁଯାୟୀ ମାମଲା ରୁଜୁ କରାଯାଇଛି। ୨୦ନଂ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନକରିବା, ନିର୍ମିତ ରାସ୍ତାର ରକ୍ଷଣାବେକ୍ଷଣ ଠିକ ଭାବେ ନ କରିବା ଓ ସର୍ଭିସ ରୋଡର ନିର୍ମାଣ ତୁରନ୍ତ ଶେଷ କରି ନ ଥିବା ଯୋଗୁ ଜିଲାପାଳ ଠାକ୍‌ରେଙ୍କ ନିର୍ଦ୍ଦେଶରେ ଏହି ମାମଲା ରୁଜୁ କରାଯାଇଛି।

### ଫିଜିଓଥେରାପି ଶିକ୍ଷା କାର୍ଯ୍ୟକ୍ରମ

ଚମ୍ପୁଆ, ୧୬।୩(ଡି.ଏନ.ଏ.)- ଚମ୍ପୁଆ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଶାରୀରିକ ଓ ମାନସିକ ଅକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଫିଜିଓଥୋରାପି ମାଧ୍ୟମରେ ଶାରୀରିକ, ମାନସିକ ବୃଦ୍ଧି ଓ ମାଂସପେଶୀୟ ସମସ୍ୟାର ସମାଧାନ ନିମନ୍ତେ ଅନୁଷ୍ଠିତ ଏହି କର୍ମଶାଳାରେ ପ୍ରଶିକ୍ଷକ ଭାବେ ଦୀପ୍ତିରଞ୍ଜନ ସାହୁ ଏବଂ ଆନନ୍ଦିତା ବାରିକ ଯୋଗଦେଇ ଛାତ୍ରୀଛାତ୍ର ସମେତ ତାଙ୍କ ସହ ଆସିଥିବା ଅଭିଭାବକଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାକୁ ବି.ଆର.ଟି ସରୋଜ କୁମାର ଦାସ ପରିଚାଳନା କରିଥିବାବେଳେ ଏହା ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହୋଇଛି।

### ବାଇକ ଚୋରି, ଅଭିଯୁକ୍ତ ଗିରଫ

ଯୋଡ଼ା,୧୬।୩(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡ଼ା ସହରର ମୋହତା ହସପିଟାଲ ନିକଟରେ ରହୁଥିବା ବିନୟ କୁମାର ଶର୍ମାଙ୍କ ବାଇକ ଚୋରି କରୁଥିବାବେଳେ ଧରାପଡ଼ିଥିବା ଖବର ହସ୍ତଗତ ହୋଇଛି। ରବିବାର ଅପରାହ୍ନରେ ବିନୟଙ୍କ ଘର ଭିତରୁ ବାଇକ ଚାବି କୌଶଳ କରି ଆଣି ବାହାରେ ଥିବା ତାଙ୍କ ହିରୋ ଗ୍ଲାମର ବାଇକକୁ କୋଇଡ଼ା ଅଞ୍ଚଳର ମିଥିଲେଶ ଜୟସ୍ୱାଲ ନେଇଯାଉଥିବାବେଳେ ବାଇକ ମାଲିକ ତାଙ୍କୁ କାବୁ କରି ପୋଲିସରେ ଜିମା ଦେଇଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୫୭/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।



ମହିଳାମାନେ ଖଲି ଚଉଡି ତିଆରି କରୁଛନ୍ତି।



ମହିଳାମାନେ ଶାଳପତ୍ର ସଂଗ୍ରହ କରୁଛନ୍ତି।

# ଖଲିପତ୍ର ଦେଲା ନୂଆ ଆଶାଭରସା

ଦୀପକ ମିଶ୍ର
କେନ୍ଦୁଝର, ୧୬।୩

- ସଫଳତାର ଶୀର୍ଷ ଛୁଇଁଛି ସାନଜୀଉଳି ଖଲି କାରଖାନା
- ୨୩ ସ୍ୱୟଂ ସହାୟକ ଗୋଷ୍ଠୀର ୨୫୩ ମହିଳାଙ୍କୁ କରିଛି ଆତ୍ମନିର୍ଭରଶୀଳ
- ରାଜ୍ୟ ବାହାରେ ବି ଖଲିପତ୍ର ସାମଗ୍ରୀର ବଢ଼ିଛି ଚାହିଦା

ପ୍ଲାଷ୍ଟିକର ବ୍ୟବହାର ବନ୍ଦ ଲାଗି ସରକାରୀ କଟକଣା ପରେ ଶାଳପତ୍ରରୁ ପ୍ରସ୍ତୁତ ହେଉଥିବା ଖଲି ଚଉଡିର ବ୍ୟବହାର ବଢ଼ିଛି। ବିଭିନ୍ନ ସରକାରୀ ବୈଠକ ଓ କର୍ମଶାଳାରେ ପ୍ଲାଷ୍ଟିକ ପ୍ଲେଟ ବଦଳରେ ଏବେ ଚଉଡି ବ୍ୟବହାର କରାଯାଉଛି। ପୂର୍ବରୁ ପାରମ୍ପାରିକ ଭାବେ ଖଲି ଚଉଡି ପ୍ରସ୍ତୁତି କରୁଥିବା କେନ୍ଦୁଝର ଜିଲା ଦେଓବନ୍ଧ ରେଞ୍ଜ ଅନ୍ତର୍ଗତ ସାନଜୀଉଳି ଗ୍ରାମର ମହିଳାମାନେ ସଂଗଠିତ ହୋଇ ମେଶିନ ସହାୟତାରେ ଖଲି ଚଉଡି ତିଆରି ଲାଗି ଆରମ୍ଭ କରିଛନ୍ତି ଏକ ଉଦ୍ୟୋଗ । ଗାଁରେ ପ୍ରତିଷ୍ଠା ହୋଇଛି ସାନଜୀଉଳି ତାରିଣୀ ମହିଳା ଫାର୍ମସ୍ ସର୍ଭିସେସ୍ ପ୍ରଡ୍ୟୁସର୍ସ କମ୍ପାନୀ ଲିଃ ନାମକ ଏହି ଖଲି କାରଖାନା। ୨୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ୨୫୩ ମହିଳା ଏହି କାରଖାନାରେ କାମ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଏକଦା ଅଲୋଡ଼ା ହୋଇପଡ଼ିଥିବା ଖଲି ଚଉଡି ଏବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ମହିଳାଙ୍କ ରୋଜଗାରରେ ମୁଖ୍ୟ ସହାୟକ ହୋଇପାରଛି।

ସାନଜୀଉଳି ଗାଁ ବ୍ୟତୀତ ବଡଜୀଉଳି, ପଟାବାରୀ, ଜାମୁପଶି ଓ ଏହାର ଆଖପାଖ ଗ୍ରାମର ମହିଳାମାନେ ମଧ୍ୟ ଜଙ୍ଗଲରୁ ଶାଳପତ୍ର ଆଣି ମେଶିନରେ ଖଲି ଓ ଚଉଡି ତିଆରି କରି ବିକ୍ରି କରୁଛନ୍ତି। ଜିଲା ପ୍ରଶାସନ ଓ ଜଙ୍ଗଲ ବିଭାଗ ସହଯୋଗରେ ଆରମ୍ଭ ହୋଇଥିବା ଖଲି ଫ୍ରାକ୍ଟି ଏବେ ସଫଳତାର ଶୀର୍ଷରେ ପହଞ୍ଚିଛି। ଏହାର ଉତ୍ପାଦନ ଦିନକୁ ଦିନ ବଢ଼ିବାରୁ ଏହା ଲୋକଙ୍କ ଚାହିଦା ମେଣ୍ଟାଇ ପାରୁଛି। ଜିଲାର ସାନଜୀଉଳି ଗ୍ରାମରେ ମହିଳାମାନେ ପ୍ରସ୍ତୁତ କରୁଥିବା ଖଲି ପତ୍ର ସାମଗ୍ରୀ କେବଳ ଓଡିଶା ନୁହେଁ ବାହାର ରାଜ୍ୟରେ ମଧ୍ୟ ବେଶ ଆଦୃତି ଲାଭ କରିଛି। ପ୍ଲାଷ୍ଟିକର ବିକଳ୍ପ ଭାବେ ଏହାର ଚାହିଦା ବଢ଼ିଥିବାରୁ ଖଲିପତ୍ର ସଂଗ୍ରହକାରୀ ଓ ମହିଳା କାରିଗର ତଥା ଶ୍ରମଜୀବୀ ଉତ୍ସାହିତ ହୋଇ ଉଠିଛନ୍ତି। ଇତି ମଧ୍ୟରେ ଜିଲାପାଳ ଆଶିଷ ଠାକ୍‌ରେ ସାନଜୀଉଳିର ଖଲି ଚଉଡି କାରଖାନାକୁ ପରିଦର୍ଶନରେ ଯାଇ ମହିଳାମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝି ଫେରିଛନ୍ତି। ମାସକୁ ସେଠାରେ ୫ହଜାର ଶାଳପତ୍ର ଖଲି ତିଆରି ହୋଇ ବିକ୍ରି ହେଉଥିବା ମିଶନ ଶକ୍ତି ବିଭାଗ ସୂତ୍ରରୁ ଜଣାପଡିଛି।

ସାନଜୀଉଳି ତାରିଣୀ ମହିଳା ଫାର୍ମର୍ସ ସର୍ଭିସେସ୍ ପ୍ରଡ୍ୟୁସର୍ସ କମ୍ପାନୀ ଲିଃ ସଭାପତି ତାରାମଣି ନାଏକ କହିଛନ୍ତି, ସ୍ଥାନୀୟ ଗ୍ରାମ ସମେତ ଆଖପାଖ ଗ୍ରାମର ମହିଳାମାନେ ମେଶିନ୍ ଦ୍ୱାରା ଖଲି ଓ ଚଉଡି ତିଆରି କରୁଥିବାବେଳେ ବିଦ୍ୟୁତ ସରବରାହ ଘନଘନ ବାଧାପ୍ରାପ୍ତ ହେଉଥିବାରୁ ଏହା ଉତ୍ପାଦନ ଉପରେ ପ୍ରଭାବ ପକାଉଛି। ସେହିପରି ଏଠାରେ ପାଣିର ସୁବିଧା ନ ଥିବାରୁ ଖଲି ସାମଗ୍ରୀ ପ୍ରସ୍ତୁତକାରୀ ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଶନଶକ୍ତି ନୋଡାଲ ଅଫିସର, ଶିଶିର ଷଡଙ୍ଗୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହି ଉଦ୍ୟୋଗ କେନ୍ଦୁଝର ଜିଲାରେ ମହିଳାମାନଙ୍କ ପାଇଁ କର୍ମସଂସ୍ଥାନ ଯୋଗାଇବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛି। ଏହି ଉଦ୍ୟୋଗକୁ ଜିଲାପାଳ ପରିଦର୍ଶନରେ ଯାଇ ସେଠାରେ ଥିବା ବିଭିନ୍ନ ସମସ୍ୟା ଦୂର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମିଶନଶକ୍ତି ବିଭାଗ ପାଣି ସମସ୍ୟା ଖୁବ୍ ଶୀଘ୍ର ସମାଧାନ କରିବା ଦିଗରେ ପଦକ୍ଷେପ ନେଇଛ। ବିଦ୍ୟୁତ ସମସ୍ୟା ସମାଧାନ ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ।

କେନ୍ଦୁଝର ଜିଲାରେ ଶାଳପତ୍ର ଶିଳ୍ପ ତିଆରି ଖଲିପତ୍ରର ସ୍ୱତନ୍ତ୍ର ଆଦର ରହିଛି। ବିବାହ, ବ୍ରତ ଠାରୁ ଆରମ୍ଭ କରି ସାମାଜିକ ଓ ସାମୂହିକ ଉତ୍ସବ ଯାହାକି ଆଧ୍ୟାତ୍ମିକ ହେଉ ବା ପାରିବାରିକ ହେଉ ସବୁଥିରେ ଲୋଡା ପଡିଥାଏ ଶାଳପତ୍ରରେ ତିଆରି ଖଲିପତ୍ର, ଚଉଡି ଓ ପଲଙ୍ଗା। ଦେବାଦେବୀଙ୍କୁ ଭୋଗ ଅର୍ପଣ ହେଉ ବା ପିତୃପୁରୁଷଙ୍କୁ ପିଣ୍ଡ ଦାନ ହେଉ ଖଲି ଚଉଡିର ଥାଏ ଆବଶ୍ୟକତା। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ କେନ୍ଦୁଝର ଜିଲାର ଆଦିବାସୀ ମହିଳାମାନେ ଜଙ୍ଗଲରୁ ଶାଳପତ୍ର ଆଣି ଏହାକୁ ପ୍ରସ୍ତୁତ କରି ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଆସୁଛନ୍ତି।

## ବାଲି ବୋଝେଇ ହାଇୱା ଜବତ, ୪ ଗିରଫ

ବଡବିଲ, ୧୬।୩(ସ୍ୱ.ପ୍ର.)

### ଟ୍ରାନଜିଟ ପରମିଟରେ ମ୍ୟାଜିକ ପେନ ବ୍ୟବହାର ଧରାପଡ଼ିଲା



ଗିରଫ ୪ ଅଭିଯୁକ୍ତ।

ମ୍ୟାଜିକ ପେନ ବ୍ୟବହାର କରି ବାଲି ଚୋରାଚାଲାଣ ଘଟଣା ଶୁଣି ପ୍ରଶ୍ନ ଉଠୁଛି ଏହା କିଭଳି ସମ୍ଭବ। ତେବେ ଏଭଳି ଏକ ଘଟଣାକୁ କେନ୍ଦୁଝର ପୋଲିସ ଲୋକଲୋଚନକୁ ଆଣି ଘଟଣାର ସତ୍ୟତାକୁ ପ୍ରମାଣିତ କରିଛି। ବଡବିଲ ତହସିଲ ଓ ଏସଡିପିଓଙ୍କ କାର୍ଯ୍ୟାଳୟ ନିକଟସ୍ଥ ଛକରୁ ବଡବିଲ ପୋଲିସ ଏକ ବାଲିବୋଝେଇ ହାଇୱା ଟ୍ରକ ଜବତ କରି ଘଟଣାରେ ସଂପୃକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସୁନ୍ଦରଗଡ ଜିଲା ଲହୁଣିପଡା ଥାନା ଅନ୍ତର୍ଗତ ତୁମକେଲା ଅଞ୍ଚଳର ବାଲିଘାଟ ଲିଜଧାରୀଙ୍କ ପୁଅ ଦୀପକ କୁମାର ଜିତ୍, ଲିଜଧାରୀଙ୍କ ମ୍ୟାନେଜର ସୂରଜଦେବ ସିଂହ, ହାଇୱା ଟ୍ରକ ଡ୍ରାଇଭର ଝାଡଖଣ୍ଡ ରାଜ୍ୟ ଲାୱାଗ ଥାନା ଅନ୍ତର୍ଗତ ରାମପୁର ଗ୍ରାମର ପ୍ରେମଚାନ୍ଦ କୁମାର ଯାଦବ, ହାଇୱା ଟ୍ରକ ମ୍ୟାନେଜର କେନ୍ଦୁଝର ଜିଲା ସଦରଥାନା ଅନ୍ତର୍ଗତ କଣାପଶି ଗ୍ରାମର ଶ୍ରୀକାନ୍ତ ବାରିକ।

ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ସୁନ୍ଦରଗଡ ଜିଲା ଲହୁଣିପଡାସ୍ଥିତ ତୁମକେଲା ବାଲିଘାଟରୁ ବାଲି ବୋଝେଇ କରି କେନ୍ଦୁଝର ଜିଲା ବଡବିଲ ଅଞ୍ଚଳରେ ବିକ୍ରି ଉଦ୍ଦେଶ୍ୟରେ ଆସିଥିବା ଏକ ବାଲିବୋଝେଇ ହାଇୱା ଟ୍ରକ ଜବତ ଘଟଣାରୁ ଜଣାପଡିଛି। ରବିବାର ବଡବିଲ ପ୍ରବେଶପଥ ତହସିଲ ଓ ଏସଡିପିଓଙ୍କ କାର୍ଯ୍ୟାଳୟ ନିକଟସ୍ଥ ଛକରେ ବଡବିଲ ପୋଲିସ ପକ୍ଷରୁ ତନଖି ଜାରୀ ରହିଥିଲାବେଳେ ଏକ ବାଲି ବୋଝେଇ ହାଇୱାକୁ ଅଟକାଇ ଗାଡିର କାଗଜପତ୍ର ଯାଞ୍ଚ ନିମନ୍ତେ ମାଗିଥିଲେ। ତେବେ ହାଇୱା ବୋଝେଇ ବାଲିର ଟ୍ରାନଜିଟ ପରମିଟ ତନଖି କରିବାରୁ ଲୋଡିଂ ତାରିଖ ଓ ସମୟ, ନିର୍ଦ୍ଧାରିତ ଗନ୍ତବ୍ୟସ୍ଥଳ ଏବଂ ଓଜନ ଉଲ୍ଲେଖ ନ ଥିବାରୁ ପୋଲିସ ସନ୍ଦେହ କରିଥିଲା। ଏ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖି ସଂପୃକ୍ତ ଖଣିଲିଜଧାରୀଙ୍କ ସହ ଯୋଗାଯୋଗ କରିଥିଲା। ତଦନ୍ତରୁ ବାଲି ଚୋରାଚାଲାଣ ନିମନ୍ତେ ମ୍ୟାଜିକ ପେନର ବ୍ୟବହାର କରୁଥିବା ଜଣାପଡିଥିଲା। ଲିଜଧାରୀଙ୍କ ଠାରୁ ବାଲି ବୋଝେଇ ପରେ ଟ୍ରାନଜିଟ ପରମିଟରେ ତାରିଖ, ସମୟ, ଓଜନ, ଗନ୍ତବ୍ୟସ୍ଥଳ ଓ ରୁଟ୍ ଉଲ୍ଲେଖ କରିବା ସମୟରେ ଏହି ପେନ୍‌ର ବ୍ୟବହାର କରାଯାଉଥିଲା। ଏହି ପେନରେ ଉଲ୍ଲେଖ କରି ପ୍ରଥମ ଟ୍ରିପ ବାଲିକୁ ନିର୍ଦ୍ଧାରିତ ସ୍ଥାନରେ ଅନ୍‌ଲୋଡ କରିବା ପରେ ସେହି ଟ୍ରାନଜିଟ ପରମିଟ ତଳପଟୁ ନିଆଁ ଦେଖାଇବା ଦ୍ୱାରା ଉଲ୍ଲେଖ କାଳି ଲିଭିଯାଉଥିଲା। ଏହାଫଳରେ ପରେ ବାଲିବୋଝେଇ କରି ଏକାଧିକବାର ଗୋଟିଏ ଟ୍ରାନଜିଟ ପରମିଟରେ ବାଲି ଚୋରାଚାଲାଣ ସମ୍ଭବ ହୋଇପାରୁଥିଲା। ଏ ନେଇ ବଡବିଲ ଥାନାରେ ଦଫା ୩୭୯, ୪୧୧, ୪୨୦, ୪୬୮, ୪୭୧, ୩୪ ଆଇପିସିରେ ଏକ ମାମଲା (ନଂ ୪୪/୨୦୨୦) ରୁଜୁ କରାଯାଇଛି।

### ଗଛରେ ବାଇକ୍ ପିଟି ହୋଇ ଜଣେ ମୃତ

ଢେଙ୍କିକୋଟ, ୧୬।୩(ଡି.ଏନ୍.ଏ.)

ପାଟଣା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୨୦ ନଂ କାଶିଅ ନାଳ ନିକଟରେ ସୋମବାର ଅପରାହ୍ନରେ ଏକ ବାଇକ୍ ଗଛରେ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ବାଇକ୍‌ରେ ୩ଜଣ ଯୁବକ ଢେଙ୍କିକୋଟ ଛକରୁ ପାଟଣା ଅଭିମୁଖେ ଖୁବ୍ ଦ୍ରୁତଗତିରେ ଯାଉଥିଲେ। ମାତ୍ର ଢେଙ୍କିକୋଟଠାରୁ ୧୦କି.ମି ଦୂର ଜାତୀୟ ରାଜପଥ ୨୨୦ ନଂ କାଶିଆ ନାଳ ବୁଲାଣି ରାସ୍ତାରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଖବର ଲେଖା ହେବା ବେଳକୁ ସେମାନଙ୍କ ପରିଚୟ ମିଳିପାରି ନାହିଁ।

### ମୁକୁଳା ଡ୍ରେନରେ ପଡ଼ି ଜଣେ ଗୁରୁତର

ତେଲକୋଇ, ୧୬।୩(ଡି.ଏନ.ଏ.)

ତେଲକୋଇ ବଜାର ଅଞ୍ଚଳରେ ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ଡ୍ରେନ ନିର୍ମାଣ କାର୍ଯ୍ୟ କରାଯାଉଛି। ଏହି ଡ୍ରେନକୁ ମୁକୁଳା ରଖାଯାଉଥିବା ଯୋଗୁ ରବିବାର ବିପିନ ବିହାରୀ ନାୟକ(୩୦) ଜଣେ ପଥଚାରୀ ଡ୍ରେନରେ ପଡିଯିବା ଯୋଗୁ ଗୁରୁତର ହୋଇପଡିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ତୁରନ୍ତ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଛି।

## 'କରୋନା'କୁ ନେଇ ୧୪୪ ଧାରା

କେନ୍ଦୁଝର, ୧୬।୩(ଡି.ଏନ୍.ଏ.)

ସାରା ବିଶ୍ୱରେ ବ୍ୟାପୁଥିବା କରୋନା ଭାଇରସ ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଜାରି କରିଥିବା ନିର୍ଦ୍ଦେଶାବଳୀ ଏବଂ ଓଡିଶା ସରକାରଙ୍କ ନିର୍ଦ୍ଦେଶାବଳୀକୁ ଆଧାର କରି ଜନସାଧାରଣଙ୍କ ଜୀବନର ସୁରକ୍ଷା ଦୃଷ୍ଟିରୁ ଜିଲାପାଳ ଆଶିଷ ଠାକ୍‌ରେ ଜିଲାରେ ସିଆର୍‌ପିସିର ୧୪୪ ଧାରା ଜାରି କରିଛନ୍ତି। ଏହା ଚଳିତ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଧାରା ଲାଗୁ ହେବା ଫଳରେ ବାସଗୃହ, ବାସଗୃହ ପରିସର ଏବଂ ସାପ୍ତାହିକ ହାଟ ବ୍ୟତୀତ ଅନ୍ୟ କୌଣସି ସର୍ବସାଧାରଣ କିମ୍ବା ଘରୋଇ ସ୍ଥାନରେ ପାଞ୍ଚ ଜଣରୁ ଅଧିକ ବ୍ୟକ୍ତି ଏକତ୍ରିତ ହେବାକୁ ବାରଣ କରାଯାଇଛି। ଏହି ସମୟ ମଧ୍ୟରେ କୌଣସି ସାମାଜିକ, ଧାର୍ମିକ ଉତ୍ସବ, ଯାନିଯାତ୍ରା, ଅପେରା ସୋ, ବାହାଘର ବରଯାତ୍ରୀ ଶୋଭାଯାତ୍ରା ଏବଂ ଅନ୍ୟାନ୍ୟ ଉତ୍ସବ ଆଦି ସମାରୋହକୁ ନିଷିଦ୍ଧ କରାଯାଇଛି। ରାଜନୈତିକ ରାଲି, ବିକ୍ଷୋଭ ପାଇଁ ସମାବେଶ ହୋଇପାରିବ ନାହିଁ। ଜନସାଧାରଣ ଏକତ୍ରିତ ହେବାର ସମ୍ଭାବନା ଥିବା କୌଣସି ପ୍ରକାର କଲ୍ୟାଣ ମଣ୍ଡପରେ ଉତ୍ସବ ଆୟୋଜନ ପାଇଁ ଅନୁମତି ଦିଆଯାଇପାରିବ ନାହିଁ। କରୋନା ଭାଇରସ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଲିଫଲେଟ ଏବଂ ଅନ୍ୟ ସଚେତନତାମୂଳକ ସାମଗ୍ରୀ ବଣ୍ଟନ କେବଳ ଜିଲା ମାଜିଷ୍ଟ୍ରେଟଙ୍କ ପୂର୍ବ ଅନୁମତିପ୍ରାପ୍ତ ହେଲାପରେ କରାଯାଇପାରିବ। କୌଣସି ବ୍ୟକ୍ତି ବିଶେଷ/ଅନୁଷ୍ଠାନ/ସଂଗଠନ କରୋନା ସମ୍ପର୍କରେ ଆତଙ୍କ/କୋକୁଆ ଭୟ ସୃଷ୍ଟି କରୁଥିବା ଗୁଜବ, ଅପପ୍ରଚାର, କୌଣସି ପ୍ରକାର ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ପ୍ରଚାର କରିବା ଅନୁଚିତ ହେବ। ଜାରି କରାଯାଇଥିବା ଉପରୋକ୍ତ ୧୪୪ ଧାରାର କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ନଜର ରଖିବା ନିମନ୍ତେ ବିହୀତ ପଦକ୍ଷେପ ନେବାକୁ ଆରକ୍ଷୀ ଅଧିକ୍ଷକ, ଜିଲାର ସମସ୍ତ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ,ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ, ଥାନାର ଭାରପ୍ରାପ୍ତ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଲ୍, ପାର୍କ, ସିନେମା ହଲକୁ ବନ୍ଦ କରାଯାଇଛି ବୋଲି ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

## ଗଛରେ ବାନ୍ଧି ଦିଆଯାଉଛି ବିଜୁଳି ସଂଯୋଗ



ଗଛରେ ତାର ବାନ୍ଧି ବିଜୁଳି ସଂଯୋଗ କରାଯାଇଛି।

ଚମ୍ପୁଆ, ୧୬।୩(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ଶ୍ରୀଧରପୁର ଠାରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ବିପଦସଙ୍କୁଳ ଅବସ୍ଥାରେ ଗଛକୁ ଖୁଣ୍ଟ କରି ନିଆଯାଇଛି ବିଜୁଳି ସଂଯୋଗ। ଦୀର୍ଘ ୩ ବର୍ଷରୁ ଅଧିକ ହୋଇଯାଇଥିଲେ ମଧ୍ୟ ଉପଭୋକ୍ତାଙ୍କୁ ମିଳିନି ଖୁଣ୍ଟ। ଟ୍ରାନ୍ସଫର୍ମର ଠାରୁ ପ୍ରାୟ ୫୦୦ ମିଟର ଦୂରରେ ରହୁଥିବା ଉପଭୋକ୍ତା ମାନେ ଗଛକୁ ସାହାରା ହେବାକୁ ବାଧହୋଇଛନ୍ତି।

ସୂଚନା ଅନୁସାରେ ଜାମୁଦଲକ ପଞ୍ଚାୟତର ଶ୍ରୀଧରପୁରଠାରେ ଗ୍ରାମବାସୀଙ୍କୁ ବିଜୁଳି ଆଲୁଅ ଯୋଗାଇ ଦେବାକୁ ଯାଇ କାଳନ୍ଦି ସାହୀ ଠାରେ ଟ୍ରାନ୍ସଫର୍ମର ବସାଯାଇଛି। ମାତ୍ର ଉପଭୋକ୍ତାଙ୍କ ନିମିତ୍ତ ଆବଶ୍ୟକ ବିଦ୍ୟୁତ ଖୁଣ୍ଟ ଯୋଗାଇ ଦିଆଯାଇ ନ ଥିଲା। ପରେ ବିଭାଗ ପକ୍ଷରୁ ଅଳ୍ପ କେତେକ ଖୁଣ୍ଟ ଯୋଗାଇ ଦିଆଯାଇଥିଲା। ମାତ୍ର ସ୍ଥାନୀୟ ଅଧିବାସୀ ମାନେ ବର୍ଷସାରା ହାତୀ ଉପଦ୍ରବର ଶିକାର ହେଉଥିବାରୁ ଆବଶ୍ୟକ କାଗଜପତ୍ର ଦେଇ ସଂଯୋଗ ନେଇଥିଲେ। ସେତେବେଳେ ବିଭାଗ ପକ୍ଷରୁ ଖୁଣ୍ଟ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଦୀର୍ଘଦିନ ବ୍ୟବଧାନ ପରେ ଯଦିଓ ଖୁଣ୍ଟ ଯୋଗାଇ ଦିଆଗଲା ତାହା ଆବଶ୍ୟକ ଠାରୁ କମ୍ ଥିବାରୁ ଲୋକମାନେ କଞ୍ଚା ଗଛକୁ ବ୍ୟବହାର କରୁଥିବା ଜଣାପଡିଛି। ଅନ୍ୟପକ୍ଷରେ ଦିନକୁ ଦିନ ବିଦ୍ୟୁତଜନିତ ଦୁର୍ଘଟଣା ବଢିଚାଲିଥିବା ବେଳେ ଏହି ଗଛକୁ ସାହାରା କରିବା କେତେ ସୁରକ୍ଷିତ ତାହା ଅନୁମେୟ। ଏନେଇ ସ୍ଥାନୀୟ ସରପଞ୍ଚ ରମେଶ ମୁଣ୍ଡା ଖୁଣ୍ଟ ଯୋଗାଇଦେବାକୁ ଦାବି କରିଥିଲେ। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଜ୍ଞାନରଞ୍ଜନ ମହାରଣାଙ୍କୁ ପଚାରିବାରୁ ଅଟକଳ କରାଯାଇ ପଠାଯାଇଛି ଆସିଲେ ତୁରନ୍ତ ତାହା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ବୋଡ଼ା ସାପ ଉଦ୍ଧାର

ଯୋଡ଼ା, ୧୬।୩(ଡି.ଏନ.ଏ.)



ଉଦ୍ଧାର ହୋଇଥିବା ବୋଡ଼ା ସାପ।

କେନ୍ଦୁଝର ଜିଲା ଯୋଡା ସହରସ୍ଥିତ ଆଜାଦବସ୍ତିର ପଣସଗଡାଠାରେ ପ୍ରତାପ ଦାଶ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଏକ ବୋଡ଼ା ସାପକୁ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି । ସୋମବାର ଅପରାହ୍ନ ୩ଟାରେ ତାଙ୍କ ଘର ସମ୍ମୁଖ ବାରଣ୍ଡାରେ ଏହି ସାପଟି ବୁଲୁଥିବା ତାଙ୍କ ପରିବାର ଲୋକେ ଦେଖିବାକୁ ପାଇଥିଲେ। ଯୋଡାସ୍ଥିତ ଟାଟା କମ୍ପାନୀ ସାପ ଧରାଳିଙ୍କୁ ଫୋନ୍ କରିବାରୁ ସେମାନେ ଆସିବାରେ ବିଳମ୍ବ କରିଥିଲେ। ପରେ ସ୍ଥାନୀୟ କେତେକ ଲୋକ ଯୋଡା ବନପାଳ ପିଅନ ନାଏକଙ୍କୁ କହିବାରୁ ସେ ଅବିଳମ୍ବେ ବନବିଭାଗର ସାପ ଧରାଳିମାନଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ । ସାପଟିକୁ ସେଠାରୁ ଉଦ୍ଧାର କରି ବିଛାକୁଣ୍ଡି ଜଙ୍ଗଲରେ ଛାଡି ଦେଇଥିଲେ। ଏହି ସାପଟି ତିନି ଫୁଟ୍ ଲମ୍ବ ଓ ଏହାର ଓଜନ ପ୍ରାୟ ୨ କିଲୋ ହେବ ବୋଲି ଯୋଡା ବନପାଳ ପିଅନ ନାଏକ ସୂଚନା ଦେଇଛନ୍ତି।

## ଧାନକିଣା ଅବ୍ୟବସ୍ଥାକୁ ନେଇ ତାତିଲେ ଚାଷୀ

କେନ୍ଦୁଝର, ୧୬।୩(ଡି.ଏନ୍.ଏ.)

କେନ୍ଦୁଝର ଜିଲାର ବିଭିନ୍ନ ଧାନକ୍ରୟ କେନ୍ଦ୍ରରେ ଅବ୍ୟବସ୍ଥା ଏବଂ ଚାଷୀଙ୍କ ଧାନ କିଣା ଯାଉନଥିବାରୁ ଏହାର ପ୍ରତିବାଦରେ ସୋମବାର କେତେକ ଚାଷୀ ସମବାୟ ସମିତି ସମୂହ ସହକାରୀ ନିବନ୍ଧକଙ୍କୁ ଘେରାଉ କରି ତୁରନ୍ତ ଧାନ କିଣା ବ୍ୟବସ୍ଥା କରିବାକୁ ଦାବି କରିଥିଲେ। କେନ୍ଦୁଝର ସଦର ବ୍ଲକର ନରଣପୁରଠାରେ କରାଯାଇଥିବା ଧାନକ୍ରୟ କେନ୍ଦ୍ରରେ ବର୍ତ୍ତମାନ ଧାନକ୍ରୟ ସ୍ଥଗିତ ରହିଥିବାରୁ ଅନେକ ଚାଷୀ ଧାନ ବିକ୍ରିରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କେତେକ ଚାଷୀ ଏକ ସପ୍ତାହରୁ ଅଧିକ ସମୟ ହେବ ସେମାନଙ୍କର ମୋବାଇଲରେ ଧାନ ବିକ୍ରି କରିବା ପାଇଁ ତାରିଖ ଥିବା ମେସେଜ୍ ପାଇଥିଲେ। ଇତିମଧ୍ୟରେ ସଂପୃକ୍ତ ତାରିଖ ବିତି ଯାଇଥିଲେ ହେଁ ଚାଷୀମାନଙ୍କ ଧାନ କିଣା ଯାଇନାହିଁ। ଫଳରେ ସ୍ଥାନୀୟ ଚାଷୀମାନେ ଘୋର ଚିନ୍ତାରେ ଥିବାବେଳେ ଧାନ ବିକ୍ରୟକୁ ନେଇ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସୋମବାର ସଂପୃକ୍ତ ଚାଷୀମାନେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମବାୟ ସମିତି ସହକାରୀ ନିବନ୍ଧକ ପର୍ଶୁରାମ ପାତ୍ରଙ୍କୁ ଭେଟି ସେମାନଙ୍କର ସମସ୍ୟା ଜଣାଇବା ସହ ତାଙ୍କୁ ଅନେକ ସମୟ ଧରି ଘେରାଉ କରି ରଖିଥିଲେ। ଚାଷୀଙ୍କ ସମସ୍ୟା ସଂପର୍କରେ ପ୍ରଶାସନ ଜରିଆରେ ସରକାରଙ୍କୁ ଅବଗତ କରାଯାଇଛି ବୋଲି ସହକାରୀ ନିବନ୍ଧକ ପାତ୍ର ଚାଷୀଙ୍କୁ କହିଥିଲେ। କିନ୍ତୁ ଚାଷୀମାନେ ତୁରନ୍ତ ଧାନ ବିକ୍ରୟ ବ୍ୟବସ୍ଥା କରିବାକୁ ଅଡି ବସିଥିଲେ। ପରେ ପରେ ଚାଷୀମାନେ ଜିଲା ବେସାମରିକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଧାରଣାରେ ବସିଥିଲେ।

## ଯୁବ ପିଢ଼ିଙ୍କୁ ଦିଅନ୍ତି ପରିବର୍ତ୍ତନର ବାର୍ତ୍ତା

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧୬।୩

### ନୃତ୍ୟ ଓ ଅଭିନୟ କଳାରେ ପ୍ରବୀଣ ଗୁରୁ ଦାସ

ଦୀର୍ଘ ୨୦ ବର୍ଷର କଳା ସାଧନା ଭିତରେ ଅନେକ ଘାତ ପ୍ରତିଘାତ ମଧ୍ୟରେ ଆଗକୁ ବଢିଛନ୍ତି । ଜଣେ କଳାକାର ହେବା ଲାଗି ପିଲା ଦିନୁ ଦେଖିଥିଲେ ସ୍ୱପ୍ନ । ଏହାକୁ ସାକାର ରୂପ ଦେବାଲାଗି ନିରନ୍ତର ସାଧନା କରି ଜଣେ ଓଡିଶୀ ନୃତ୍ୟଗୁରୁ ଭାବେ ହାସଲ କରିଛନ୍ତି ପରିଚୟ। କେବଳ ନୃତ୍ୟ ନୁହେଁ ଅଭିନୟ କଳାରେ ବି ସେ ବେଶ୍ ମାହିର। ବିଭିନ୍ନ ଓଡିଆ ଧାରାବାହିକ ପରେ ଏବେ ପ୍ରଥମ କରି 'ହେ ବନ୍ଧୁ ବିଦାୟ' ଓଡିଆ ଚଳଚ୍ଚିତ୍ରରେ ଖଳ ନାୟକ ଭୂମିକାରେ ଅଭିନୟର ସୁଯୋଗ ପାଇଛନ୍ତି। ଉଭୟ ନୃତ୍ୟ ଓ ଅଭିନୟ କଳାରେ ପରିବର୍ତ୍ତନର ବାର୍ତ୍ତା ଦେଇଥାନ୍ତି ବୋଲି କହିଛନ୍ତି ସେ ।



କଳା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ଶିଳ୍ପୀ ହେଲେ ଗୁରୁ ଦାସ। କେନ୍ଦୁଝର ଡି.ଏନ୍ ହାଇସ୍କୁଲରୁ ମାଟ୍ରିକ ପରେ ଡି.ଡି.କଲେଜରୁ ସ୍ନାତକ ହାସଲ କରିଥିଲେ। ପରେ ଉତ୍କଳ ସଙ୍ଗୀତ ନାଟକ ବିଦ୍ୟାଳୟରେ କଳା ଅଧ୍ୟୟନ ସହ ଚଣ୍ଡିଗଡ ଓ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ଓ ଅଭିନୟରେ ତାଲିମ ନେଇଥିଲେ। ଏହାପରେ କଳାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରି ସେ ଏହି ଜଗତରେ ପାଦ ଦେଇଥିଲେ । ସେ କହନ୍ତି, କଳାକାରଙ୍କ ଜୀବନ ସଂଘର୍ଷପୂର୍ଣ୍ଣ। କଠିନ ପରିଶ୍ରମ, ସାଧନା ଓ ଗୁରୁଭକ୍ତି ଜଣଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଥାଏ। ଉପାନ୍ତ, ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାରେ କଳାର ପ୍ରଚାର ପ୍ରସାର ଲାଗି ପ୍ରାୟ ଏକ ଦଶନ୍ଧି ହେବ ସଂଗୀତ, ନୃତ୍ୟ ଓ ଅଭିନୟ ବିଦ୍ୟାଳୟ ଖୋଲି ଅନେକ ଯୁବ ପ୍ରତିଭାଙ୍କୁ ତାଲିମ ଦେଇଛନ୍ତି। ଆଗକୁ ନୂତନ ପ୍ରତିଭା ସୃଷ୍ଟି କରିବା ଲକ୍ଷ୍ୟରେ ସେ କାର୍ଯ୍ୟ କରୁଛନ୍ତି। ନିଜେ ପ୍ରଥମେ ମଞ୍ଚ ଶୋ'ରେ ଆରମ୍ଭ କରିଥିଲେ ଅଭିନୟ ଜୀବନ। ପରେ ବିଭିନ୍ନ ଟିଭି ଚ୍ୟାନେଲରେ ରାନି, ଦୁର୍ଗା, ତୋ ଅଗଣାର ତୁଳସୀ, ରହିଛି ରହିବି ତୋ ପାଇଁ ଆଦି ଧାରାବାହିକରେ ନିଜ ଅଭିନୟ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଏହା ପୂର୍ବରୁ ରେଡିଓରେ ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ପରିବେଷଣ କରିଥିଲେ ସେ। କେନ୍ଦୁଝର ଜିଲାରେ ନାଟ୍ୟକଳା ଓ ସଂସ୍କୃତିକୁ ଆଗକୁ ନେବା ଲାଗି ସେ ଏକ ଚିତ୍ରାଳୟ ଖୋଲି ବିଭିନ୍ନ ସଂସ୍ଥାକୁ ନାଟ୍ୟ ସାମଗ୍ରୀ ଯୋଗାଇ ଦେଉଛନ୍ତି। ତାଙ୍କ ବାପା ସ୍ୱର୍ଗତ ଶାରଦା ଦାସ ଜଣେ ପ୍ରଶାସନିକ ଅଧିକାରୀ ଥିଲେ। ମା' ଶାନ୍ତିପ୍ରିୟା ମହାନ୍ତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ । ସମ୍ପ୍ରତି ଗୁରୁ ଦାସ ନିଜ ମା' ଓ ଝିଅ ଶ୍ୱେତାଙ୍କ ସହିତ ପୁରୁଣା କେନ୍ଦୁଝର ସହରରେ ରହୁଛନ୍ତି।

# ରାପିଡ ରେସ୍‌ପନ୍ସ ଟିମ୍ ଗଠିତ

**ବାଲେଶ୍ୱର ଅଫିସ,୧୬।୩**

କରୋନା ଭୂତାଣୁ (କୋଭିଡ୍‌-୧୯) ସଂକ୍ରମଣକୁ ରୋକିବା ଏବଂ ଏଦିଗରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ବାଲେଶ୍ୱର ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ଗୁରୁତ୍ୱ ଦେଇଛି। ଆକ୍ରାନ୍ତ ରୋଗୀଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ସହ ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରାଯାଇଛି। କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେବା ସକାଶେ ୦୬୭୮୨-୨୬୨୧୮୪ ନମ୍ବରକୁ ଫୋନ୍ କରିବାକୁ କୁହାଯାଇଛି। ଏହାବ୍ୟତୀତ ଜିଲା ମୁଖ୍ୟଚିକିତ୍ସାଳୟରେ ନୋଡ଼ାଲ ଅଫିସରଙ୍କ ମୋବାଇଲ ଫୋନ ନମ୍ବର ୯୪୩୯୯୮୨୦୦୧କୁ ଫୋନ୍ କରିବା ଲାଗି ଲୋକଙ୍କୁ ସୂଚନା ଦିଆଯାଇଛି।

ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରବିବାର ସନ୍ଧ୍ୟାରେ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେବା ସହ ଜିଲାବ୍ୟାପୀ ଜନସଚେତନତା ସୃଷ୍ଟି ଲାଗି ନିଆଯାଇଥିବା ବିବିଧ ପଦକ୍ଷେପ ବିଷୟ ଉଲ୍ଲେଖ କରିଥିଲେ। ସାଧାରଣ ଲୋକେ କିଭଳି ଭୂତାଣୁ ଠାରୁ ନିଜକୁ ଦୂରେଇ ରଖିବେ ସେନେଇ ପରାମର୍ଶ ଦେଇଥିଲେ।

ଜିଲାପାଳ ଚକ୍ରବର୍ତ୍ତୀ ଆହୁରି ଦର୍ଶାଇଥିଲେ ଯେ, ମାର୍ଚ୍ଚ ୧୫ତାରିଖ ସୁଦ୍ଧା ବାଲେଶ୍ୱର ଜିଲାରେ ବିଦେଶରୁ ଆସିଥିବା ୮୯ଜଣ ନାଗରିକଙ୍କ ସ୍ୱାବ୍ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୫୮ଜଣଙ୍କ ୧୪ଦିନିଆ କ୍ୱାରେଣ୍ଟାଇନ ସମୟ ଅବଧି ଶେଷ ହୋଇସାରିଛି। ଅବଶିଷ୍ଟ ୩୧ଜଣଙ୍କ କ୍ୱାରେଣ୍ଟାଇନ ଶେଷ ହୋଇନାହିଁ। ଏହି ୩୧ ସନ୍ଦିଗ୍ଧ ରୋଗୀ ଭୋଗରାଇ ଅଞ୍ଚଳର ବୋଲି ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରିବା ସକାଶେ ଗାଁ ଗହଳି ଓ ସହରାଞ୍ଚଳରେ କରୋନା ଭୂତାଣୁ ସମ୍ପର୍କିତ ଲିଫଲେଟ୍, ପୋଷ୍ଟର ବଣ୍ଟନ କରାଯାଉଛି। ମୋଟ୍ ୫ଲକ୍ଷ ଲିଫଲେଟ୍ ପ୍ରସ୍ତୁତ ହୋଇଛି। ସେହିପରି ୬୦ହଜାର ପୋଷ୍ଟର ଛପାଯାଇ ବଣ୍ଟନ ହେଉଛି। ଇତିମଧ୍ୟରେ ଜିଲାସ୍ତରୀୟ ଲାଇନ୍ ଡିପାର୍ଟମେଣ୍ଟଗୁଡ଼ିକରେ ଦୁଇ ଥର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ସିଂହୋମ୍, ଘରୋଇ ଡାକ୍ତର ଓ କ୍ଲିନିକ୍‌ଗୁଡ଼ିକୁ ମଧ୍ୟ ଦୁଇଥର ସାନିଟାଇଜେଶନ୍ କରାଯାଇ ସାରିଲାଣି।

କରୋନା ଭୂତାଣୁକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇ ବ୍ୟକ୍ତିଗତ ଭାବେ ଲୋକେ ସଚେତନ ହୋଇ ଖାଇବା ପୂର୍ବରୁ ଭଲଭାବେ ସାବୁନ୍ ଓ ପାଣିରେ ହାତଗୋଡ ଧୋଇବା ସହ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏ ନେଇ ମଧ୍ୟ ଲୋକଙ୍କୁ ଅନୁରୋଧ ଜଣାଇଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, କରୋନା ପ୍ରତିଷେଧ ଅଭିଯାନର ନୋଡ଼ାଲ ଅଫିସର ଡା. ଅନ୍ତର୍ଯ୍ୟାମୀ ମିଶ୍ର ଓ ଡିପିଏମ୍ ଅନୀଲ କୁମାର ମହାନ୍ତି ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ପ୍ରଶାସନିକ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**‘କରୋନା’ ସଂକ୍ରମଣ ରୋକିବାକୁ ପ୍ରଶାସନର ପ୍ରୟାସ**

- ବିଦେଶରୁ ଆସିଥିବା ୮୯ ନାଗରିକଙ୍କ ସ୍ୱାବ୍ ପରୀକ୍ଷା ହୋଇଥିବା ସୂଚନା
- ଭୋଗରାଇ ଅଞ୍ଚଳରେ ୩୧ ସନ୍ଦିଗ୍ଧ ରୋଗୀ
- ଜନଗହଳିପୂର୍ଣ୍ଣ ସ୍ଥାନକୁ ନ ଯିବାକୁ ଲୋକଙ୍କୁ ଅନୁରୋଧ

### ମଥାନୀ, ଗୁଡିଖାଳ, ସିଂଲା, ଛାନୁଆ ଦୋଳ ମେଳଣ ବନ୍ଦ

**ବସ୍ତା,୧୬।୩(ଡି.ଏନ.ଏ)**-ବିଶ୍ୱ ମହାମାରୀ ଘୋଷିତ କୋରୋନା ଆତଙ୍କ ଯୋଗୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରଧାନ ସଚିବ ଏନ. ବି ଧଳଙ୍କ ଚିଠି ନଂ ୭୭୩୦/୧୩.୦୩.୨୦୨୦ ଅନୁଯାୟୀ ବସ୍ତା ତହସିଲଦାର ଓ ଥାନା ଆଇଆଇସିଙ୍କ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ସଭାସମିତି , ଅଧିକ ଜନସମାଗମ ବନ୍ଦ କରିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି । ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ ବିଭାଗ ପକ୍ଷରୁ ମଥାନୀ, ଛାନୁଆ, ସିଂଲା ଓ ଗୁଡିଖାଳ ମେଳଣ ସ୍ଥଗିତ ରଖିବା ପାଇଁ ମେଳଣ ଉତ୍ସବ କମିଟି କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି।

## ସବୁ ବିଭାଗକୁ ଦାୟିତ୍ୱ ବାଣ୍ଟିଲା ପ୍ରଶାସନ

**ବାଲେଶ୍ୱର ଅଫିସ,୧୬।୩**

କରୋନା ଭାଇରସ୍‌ର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ବିବିଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି। ପୂର୍ବରୁ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରଖାଯାଇଥିବା ବେଳେ ପରେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିବା ସହ ଶିକ୍ଷକଙ୍କୁ ସ୍କୁଲ ନ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ଛୁଟିରେ ରହିବା ସତ୍ତ୍ୱେ ଜରୁରୀ ନିର୍ଦ୍ଦେଶ ପାଇଁ ଫୋନ୍‌ରେ ଆଲର୍ଟ ରହିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଜିଲାର ସମସ୍ତ କୋଚିଂ ସେଣ୍ଟରକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କେହି ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ତାଗିଦ କରିଛନ୍ତି।

ସେହିପରି ଜିଲାର ସମସ୍ତ ପାର୍କ, ସିନେମା ହଲ୍, ଶପିଂ ମଲ୍, ସୁଇମିଂ ପୁଲ୍, ସଭାସମିତି, ମେଳା ମହୋତ୍ସବ, ସୁଇମିଂ ପୁଲ ଓ ଜିମ୍ ବନ୍ଦ ରଖିବାକୁ କୁହାଯାଇଛି। ସହଦେବଖୁଣ୍ଟା ସ୍ଥିତ ରାଜା ଫିଟ୍‌ନେସ୍, ରାଜାବଗିଚା ଶ୍ରୀରାମ ଜିମ୍, ଆଇଟିଆଇ ସ୍ଥିତ ହାଇଲାଣ୍ଡ ଏବଂ ଜେଲ୍ ରୋଡ଼ ସ୍ଥିତ ଲୋରିଏଲ୍ ଜିମ୍‌କୁ ସିଲ୍ କରାଯାଇଛି। ଆସନ୍ତା ୨୪ରେ ହେବାକୁ ଥିବା ପଞ୍ଚାୟତ ଉପନିର୍ବାଚନକୁ ସ୍ଥଗିତ କରାଯାଇଛି। ଜିଲାରେ ବସ୍ତା ବ୍ଲକରେ ହେବାକୁ ଥିବା ୱାର୍ଡ଼ମେମ୍ବର ଉପନିର୍ବାଚନକୁ ବାତିଲ୍ କରାଯାଇଛି। ବିଡ଼ିଓ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଗ୍ରାମସଭା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପାଇଁ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ପଞ୍ଚାୟତ ଅଧିକାରୀ ନିମାଇଁ ଚରଣ ମହାନ୍ତି ପ୍ରକାଶ କରିଛନ୍ତି। ସେହିପରି ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ ଯାତ୍ରୀବାହୀ ବସ୍‌ରେ ଯାତ୍ରୀ ପରିବହନ ନେଇ କେତେକ କଟକଣା ଜାରି କରିଥିବା ବେଳେ ଜିଲାରେ ସମସ୍ତ ପାଠାଗାର, ବ୍ରାଞ୍ଚ ମ୍ୟୁଜିୟମ୍, ସେମିନାର, ୱାର୍କସପ୍ ଓ କନ୍‌ଫାରେନ୍ସ ଭଳି କାର୍ଯ୍ୟ ବନ୍ଦ କରାଯାଇଛି। ଉତ୍କଳ ୟୁନିଭର୍ସିଟି ଦ୍ୱାରା ଅନୁମୋଦିତ ସମସ୍ତ କଳା ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଅନ୍ୟପକ୍ଷେ ଓଡ଼ିଶା ଦିବସ ପାଇଁ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିବା ଜିଲା ସାଂସ୍କୃତିକ ଅଧିକାରିଣୀ ମନସ୍ୱିନୀ ରାଉତ କହିଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ହେବାକୁ ଥିବା ସମସ୍ତ କ୍ରୀଡା ପ୍ରତିଯୋଗିତାକୁ ବାତିଲ୍ କରାଯାଇଥିବା ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା କହିଛନ୍ତି। ବାଲେଶ୍ୱର ପୌରପାଳିକା ପକ୍ଷରୁ କରୋନା ସନ୍ଦିଗ୍ଧଙ୍କ ପାଇଁ ଦୁଇଟି କ୍ୱାରେଣ୍ଟାଇନ୍ ସେଣ୍ଟର ପ୍ରସ୍ତୁତ କରାଯାଇଛି। ଜନଗହଳିପୂର୍ଣ୍ଣ ସ୍ଥାନକୁ ନ ଯିବା ଲାଗି ସଚେତନା ସୃଷ୍ଟି ଲାଗି ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବା ବ୍ୟବସ୍ଥା କରାଯାଇଛି ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରଣୟ କୁମାର ଜେନା ପ୍ରକାଶ କରିଛନ୍ତି।




ଜିଲା କ୍ରୀଡ଼ା ଅଧିକାରୀ ଓ ପୌରପାଳିକା ନିର୍ବାହୀ ଅଧିକାରୀ ବିଭିନ୍ନ ଅନୁଷ୍ଠାନକୁ ବନ୍ଦ କରୁଛନ୍ତି।

## ସଂକ୍ଷେପରେ

### ଭୋକ ଉପାସରେ ଅସହାୟ ବୃଦ୍ଧ ଦମ୍ପତି

**ବାହାନଗା,୧୬।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତ ଅଞ୍ଚଳରେ ଗୋଟିଏ ପରିବାରର ବୃଦ୍ଧ ମାତାପିତା ଅସହାୟ ଅବସ୍ଥାରେ ଦିନ ବିତାଉଛନ୍ତି। ଦିନେ ଖାଇଲେ ଦୁଇଦିନ ଉପବାସ ରହିବାକୁ ପଡୁଛି। ତାଙ୍କର ୩ ପୁଅ ଓ ୩ ଝିଅ ଅଛନ୍ତି। ଝିଅମାନେ ବାହା ହୋଇଯାଇଥିବା ବେଳେ ପୁଅମାନେ ବାହା ହୋଇ ଅଲଗା ଚଳୁଛନ୍ତି। ଏଭଳି ସ୍ଥିତିରେ ବୃଦ୍ଧ ମାତାପିତା ବାଧ ହୋଇ ଭରଣପୋଷଣ ଲାଗି ଗତବର୍ଷ ଉପଜିଲାପାଳଙ୍କ ଅଦାଲତର ଆଶ୍ରୟ ନେଇଥିଲେ। ୩ ପୁଅ ମାସକୁ ଜଣ ପିଛା ୧ହଜାର ଟଙ୍କା କରି ୩ହଜାର ଟଙ୍କା ମା' ବାପାଙ୍କୁ ଦେବା ଲାଗି କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁଅମାନେ ଅର୍ଥ ସହାୟତା ଦେବା ପରିବର୍ତ୍ତେ ଏବେ ଅଧିକ ନିର୍ଯାତନା ଦେଉଥିବା ନେଇ ଏହି ଦମ୍ପତି ବାଲେଶ୍ୱର ଏସ୍‌ପିଙ୍କୁ ସାକ୍ଷାତ୍ କରିବା ସହିତ ଖନ୍ତାପଡା ଥାନା ଓ ଗୋପାଳପୁର ଫାଣ୍ଡିରେ ଅଭିଯୋଗ କରିଥିବା କହିଛନ୍ତି। ବରିଷ୍ଠ ନାଗରିକଙ୍କ ପାଇଁ ସରକାର ବହୁ ନିୟମ କରିଥିଲେ ମଧ୍ୟ ତାହା କେବଳ କାଗଜକଲମରେ ସୀମିତ ହୋଇ ରହିଛି ବୋଲି ଦମ୍ପତି ଅଭିଯୋଗ କରିଛନ୍ତି।

### ‘କରୋନା’ ସଚେତନତା କାର୍ଯ୍ୟକ୍ରମ

ସୋର, ୧୬।୩(ଡି.ଏନ.ଏ.)-ସୋର ବ୍ଲକ ଅଧୀନ ମାଣିତ୍ରୀ, ପାଖର ସହ ବିଭିନ୍ନ ପଞ୍ଚାୟତରେ କରୋନା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପାଖର ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପଞ୍ଚାୟତର ଲୋକ ପ୍ରତିନିଧି, ୱାର୍ଡ ସଭ୍ୟା/ସଭ୍ୟ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ସଚେତନତା ଶୋଭାଯାତ୍ରାରେ ଯାଇ ବିଭିନ୍ନ ଗ୍ରାମକୁ ଯାଇ ଘର ଘର ବୁଲି କରୋନା ସତର୍କତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶକ୍ରମେ ସାମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପଞ୍ଚାୟତ ଅନ୍ତର୍ଗତ ପାଖର ହାଇସ୍କୁଲକୁ ଆଇସୋଲେଶନ କକ୍ଷ ଭାବେ ପ୍ରସ୍ତୁତ କରାଯାଇଥିବା ନେଇ ସୂଚନା ପ୍ରଦାନ କରାଯାଇଛି। ଏହି କକ୍ଷରେ ଆବଶ୍ୟକ ପାନୀୟ ଜଳ, ପରିମଳ ଓ ବିଦ୍ୟୁତ ସଂଯୋଗର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବ୍ଲକର କନିଷ୍ଠଯନ୍ତ୍ରୀ ରୋଜାଲିନ୍ ଜେନା ଏହି ବ୍ୟବସ୍ଥା ତଦାରଖ କରିବା ସହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଧାକର ଜେନା ପରିଚାଳନା କରିଥିଲେ।

### ସରିଲା ପିଣ୍ଟୁାବଣିଆ ଦୋଳ ମେଳା

ରୂପ୍‌ସା, ୧୬।୩(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପିଣ୍ଟୁାବଣିଆ ଦୋଳମେଳା ବିକାଶ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ତୃତୀୟ ବାର୍ଷିକ ସାଂସ୍କୃତିକ ଉତ୍ସବ ଶେଷ ହୋଇଯାଇଛି। ପ୍ରାକ୍ତନ ଶିକ୍ଷକ ପଣ୍ଡିତ ନିରଞ୍ଜନ ପଣ୍ଡାଶର୍ମା ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ସାହିତ୍ୟିକ ସୃଷ୍ଟିଧର ପରିଡ଼ା ଓ ମୁଖ୍ୟବକ୍ତା ବରିଷ୍ଠ ସାହିତ୍ୟିକ କାଳିକିଙ୍କର ଦାସ ଯୋଗଦେଇ ଦୋଳ ଆଗମନରେ ସଭିଁଙ୍କ ମନପ୍ରାଣ ପୁଲକିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ଶାନ୍ତନୁ ପଟ୍ଟନାୟକ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ପ୍ରାକ୍ତନ ପ୍ରାଧ୍ୟାପକ ପଦ୍ମଲୋଚନ ମହାକୁଡ଼, ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ, ଗୁରୁକୁଳ ଆଶ୍ରମର ସମ୍ପାଦକ ବିଜୟ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

ଆବାହକ ସନ୍ତୋଷ ଶାସ୍ତ୍ରୀ ଧନ୍ୟବାଦ ଦେଇଥିଲେ। ପୂର୍ବତନ ଜିଲାପରିଷଦ ମୁଖ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରୀୟ ଅଧକ୍ଷ ଡ. ସଦାନନ୍ଦ ଦୀକ୍ଷିତ, ମୁଖ୍ୟବକ୍ତା କବି କାଳୀପଦ ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁ, ସଂସ୍କୃତ ଶିକ୍ଷକ ଗୌରହରି ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଚିତ୍ରଶିଳ୍ପୀ କେଶୁ ଦାସ, ସମ୍ମାନନୀୟ ଅତିଥି ବରିଷ୍ଠ ଖବରଦାତା ସର୍ବେଶ୍ୱର ଜେନା ଓ ଲୋକନାଥ ପିରି, ସମାଜସେବୀ ଦେବେନ୍ଦ୍ର କୁମାର ଧଳ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରତିଭାବାନ ବ୍ୟକ୍ତି ସୁରେଶ ଚନ୍ଦ୍ର ପାଣି, ବଂଶୀଧର ପଣ୍ଡା, ପ୍ରସନ୍ନ ସାହୁ ଓ ସର୍ବେଶ୍ୱର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩ଦିନ ବ୍ୟାପୀ ଉତ୍ସବରେ ନାଚ, ଗୀତ ଓ ମେଲୋଡ଼ି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବ ସ୍ଥଗିତ

**ବାଲିଆପାଳ,୧୬।୩(ଡି.ଏନ.ଏ.)**-ବାଲିଆପାଳ ବ୍ଲକ ବାସୁଦେବପୁର ପ୍ରସିଦ୍ଧ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ରବିବାର ଆରମ୍ଭ ହୋଇଥାନ୍ତା। ମାତ୍ର କରୋନା ସତର୍କତା ଓ ପ୍ରଶାସନର ନିଷେଧାଦେଶ ଯୋଗୁ ଆୟୋଜକମାନେ ବନ୍ଦ କରିବାକୁ ବାଧ ହୋଇଛନ୍ତି। ମହୋତ୍ସବର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ବେଳେ ପ୍ରଶାସନର ଅଙ୍କୁଶ ଯୋଗୁ ଏହି ନିଷ୍ପତ୍ତି ନେଲେ ବୋଲି ଆୟୋଜକ କମିଟିର ଶ୍ରୀକାନ୍ତ ନାଥ, ଅର୍ଦ୍ଧେନ୍ଦୁ ବାରିକ, ବସନ୍ତ ବାରିକ, ସରୋଜ ପିଲା, କମଳା କାନ୍ତ ବାରିକ ପ୍ରମୁଖ ଜଣାଇଛନ୍ତି। ତେବେ ବନ୍ଦ ଯୋଗୁ ସେମାନଙ୍କର ଲକ୍ଷାଧିକ ଟଙ୍କା କ୍ଷତି ହୋଇଥିବା କହିଛନ୍ତି। ମହୋତ୍ସବ ୭ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ଥିଲା। ଏହାବ୍ୟତୀତ ହାଟ, ବଜାର, ଛକସ୍ଥାନ ଗୁଡିକରେ ଲୋକମାନଙ୍କର ସେମିତି ଗହଳି ଦେଖିବାକୁ ମିଳୁନାହିଁ। କିଣାବିକାରେ ମଧ୍ୟ ମାନ୍ଦାବସ୍ଥା ପରିଲକ୍ଷିତ ହୋଇଛି। ସ୍କୁଲ, କଲେଜରେ ପାଠପଢ଼ା ବନ୍ଦ ରହିଛି। ମାତ୍ର ଘରୋଇ ଟ୍ୟୁଶନ ଓ କୋଚିଂ ସେଣ୍ଟରରେ ପାଠପଢ଼ା ପୂର୍ବବତ୍ ଚାଲିଛି। ବାଲିଆପାଳ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଅନ୍ୟ ପିଏଚ୍‌ସିରେ ରକ୍ତ ପରୀକ୍ଷା ପାଇଁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ତେବେ କୌଣସି ରୋଗୀଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇନାହିଁ ବୋଲି ବାଲିଆପାଳ ସିଏଚ୍‌ସି ଇନଚର୍ଜ ଡା. ଭାଗିରଥୀ ମୁର୍ମୁ କହିଛନ୍ତି।

### ଡାକ୍ତରଖାନାରେ ମିଳୁନି ମାସ୍କ, ହାତଧୁଆ ସାବୁନ୍

**ଜଳେଶ୍ୱର, ୧୬।୩(ସ୍ୱ.ପ୍ର.)**-କରୋନା ସଂକ୍ରମଣରୁ ରକ୍ଷା ଲାଗି ଏକ ସଚେତନତା ବୈଠକ ସୋମବାର ଜିକେ ଭଟ୍ଟର ହସ୍‌ପିଟାଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଡା. ଦିଲୀପ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ, ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ଏଥିରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସଚେତନତା, ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ସନ୍ଦିଗ୍ଧ ରୋଗୀଙ୍କୁ ସତର୍କ ଦୃଷ୍ଟିରେ ରଖିବା ପାଇଁ ହସ୍‌ପିଟାଲ ମଧ୍ୟରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଭାରତ ବାହାରୁ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ୨୯ଦିନ ପର୍ଯ୍ୟନ୍ତ ତୀକ୍ଷ୍ଣ ନଜରରେ ରଖିବା, ଥଣ୍ଡା, ସର୍ଦ୍ଦି, ଜ୍ୱର ଲକ୍ଷଣ ଦେଖାଗଲେ ସେମାନଙ୍କୁ ଡାକ୍ତରଖାନା ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରିବା, ସନ୍ଦେହ ହେଲେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇବା ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ହସ୍‌ପିଟାଲରେ ରୋଗୀମାନଙ୍କୁ ମାସ୍କ ଓ ହାତଧୁଆ ସାବୁନ ଯୋଗାଇ ଦେବାର ନିୟମ ଥିଲେ ମଧ୍ୟ ଜିକେ ଭଟ୍ଟର ହସ୍‌ପିଟାଲରେ ସୋମବାର ରୋଗୀମାନଙ୍କୁ ଏସବୁ ଜିନିଷ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ନାମ୍ପୋ, ଛଣୌଜ, ପଶ୍ଚିମବାର୍ଡ଼, ଜମାଲପୁର, ଶିଖରପୁର, ଲକ୍ଷ୍ମଣନାଥରୋଡ଼, ଶାଳବଣି, ଖୁଆଡ଼, ଓଲମରା, ବଡ଼ବଜାର ଡିସେପେନ୍‌ସରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସୁରକ୍ଷାର ବ୍ୟବସ୍ଥା ନ ଥିବା ରୋଗୀମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ ଓ ବହୁ ନିର୍ବାଚିତ ପ୍ରତିନିଧିଙ୍କ ଗହଣରେ କରୋନା ସମ୍ପର୍କରେ ଆଲୋଚନା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି।

## ଚଡ଼କମେଳା ହେବା ନେଇ ଅନିଶ୍ଚିତତା

**ଭୋଗରାଇ, ୧୬।୩(ଡି.ଏନ.ଏ.)**

ଚୈତ୍ର ମାସ ହେଉଛି ଶିବଙ୍କ ବିବାହ ମାସ। ଏହି ମାସରେ ଶିବଙ୍କୁ ଆରାଧନା କଲେ ମହାପୁଣ୍ୟ ମିଳିଥାଏ ବୋଲି କୁହାଯାଏ। ଏଥିନିମନ୍ତେ ବାଲେଶ୍ୱର ଜିଲା ଭୋଗରାଇର ବିଭିନ୍ନ ଶିବ ମନ୍ଦିରରେ ସୋମବାର ମହିଳାଙ୍କ ପ୍ରବଳ ଭିଡ଼ ହୋଇଥିଲା। ହେଲେ ମନ୍ଦିରଗୁଡିକରେ ଶ୍ରଦ୍ଧାଳୁଙ୍କ ଗହଳି ପ୍ରଶାସନକୁ ଚିନ୍ତାରେ ପକାଇଥିଲା। ଭକ୍ତମାନଙ୍କ ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡିଥିଲା।

**୨୧ରେ ହେବ ନିର୍ଦ୍ଧାରଣ**

ଅପରପକ୍ଷରେ କରୋନା ଲାଗି ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଚନ୍ଦନେଶ୍ୱର ଜୀଉଙ୍କ ଚୈତ୍ର ଚଡ଼କମେଳା ଏପ୍ରିଲ ୧ ତାରିଖରୁ ଆରମ୍ଭ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଆସନ୍ତା ୨୧ତାରିଖରେ ଚନ୍ଦନେଶ୍ୱର ମହାଦେବଙ୍କ ଶୈବପୀଠ ପରିସରରେ ଜିଲା ପ୍ରଶାସନ, ଟ୍ରଷ୍ଟ ବୋର୍ଡ଼, ସେବାୟତ ଓ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କୁ ନେଇ ଚଡ଼କମେଳା ସଂକ୍ରାନ୍ତୀୟ ବୈଠକ ହୋଇ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।

## ‘କରତାଳି ଦିଏ ପ୍ରେରଣା’

**ସନ୍ତୋଷ କୁମାର ନାୟକ**
**ସିମୁଳିଆ,୧୬।୩**

ପିଲାଦିନେ ସୁଲଳିତ କଣ୍ଠରେ ଗୀତ ବୋଲି ପାରୁଥିଲେ ପୂଜାରାଣୀ । ସ୍କୁଲରେ ପଢିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ଗୀତ ବୋଲି ପ୍ରଶଂସା ପାଇଥିଲେ। ଏହା ତାଙ୍କୁ ପରେ କଳା ଜଗତ ମଧ୍ୟକୁ ଟାଣି ନେଇଥିଲା। ସେ ଏବେ ଓଡ଼ିଶା ଯାତ୍ରା ଜଗତର ଜଣେ ଉଦୀୟମାନ, ପ୍ରତିଭା ସମ୍ପନ୍ନ ନାୟିକା। ପ୍ରଥମେ ସେ ଯାତ୍ରାରେ ନୃତ୍ୟ ପରିବେଷଣ କରି ଅଭିନୟ ଜୀବନ ଆରମ୍ଭ କରିଥିଲେ। ପରେ କମେଡ଼ି, ପାର୍ଶ୍ୱ ନାୟିକ ଓ ପରେ ମୁଖ୍ୟ ନାୟିକା ଭୂମିକାରେ ଅଭିନୟ କରିଆସୁଛନ୍ତି। ଜଣେ କଳାକାରଙ୍କ ଜୀବନ କଷ୍ଟପ୍ରଦ ହେଲେ ବି ଦର୍ଶକଙ୍କ କରତାଳି ଦେଇଥାଏ ପ୍ରେରଣା। କଳା ମାଧ୍ୟମରେ ସମାଜରେ ଜାଗରଣ ଆଣିବା ସମ୍ଭବ ବୋଲି ସେ କହିଛନ୍ତି।

ପୂଜାଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଣା ଅଞ୍ଚଳରେ । ମନୋରମା ଓ ଶଙ୍କର୍ଷଣ ପତ୍ରୀଙ୍କ ଦୁଇଝିଅ ଦୁଇପୁଅଙ୍କ ମଧ୍ୟରେ ପୂଜା ସାନ ଝିଅ। ସ୍ଥାନୀୟ ବଣା ପଦ୍ମାବତୀ ବାଳିକା ବିଦ୍ୟାଳୟରେ ପାଠ ପଢି ପରେ ଓଡ଼ିଶା ଯାତ୍ରା ମଞ୍ଚରେ ପାଦ ଥାପିଥିଲେ। ତାଙ୍କର ନିଖୁଣ ଅଭିନୟ ମଞ୍ଚରେ ଦର୍ଶକଙ୍କୁ ବାନ୍ଧି ରଖେ। ସେ ନୀୟତି, ଶିବାନୀ, କଳିଙ୍ଗ ଓ କୋଣାର୍କ ଗଣନାଟ୍ୟରେ ଅଭିନୟ କରିଛନ୍ତି। ୨୦୧୬ରୁ କୋଣାର୍କ ଗଣନାଟ୍ୟରେ ସେ ପାର୍ଶ୍ୱ ନାୟିକ ଓ ପର ମୁଖ୍ୟ ନାୟିକା ଭୂମିକା ତୁଲାଉ ଆସୁଛନ୍ତି। ଅଦ୍ୟାବଧି ୧୮ଖଣ୍ଡ ନାଟକରେ ନାୟିକା ଭୂମିକାରେ ଅଭିନୟ କରିସାରିଲେଣି। ‘କେନ୍ଦ୍ରାପଡ଼ାର ବାବା’, ‘ବଦ୍‌ନାମ ହେଲି ତୋରି ପାଇଁ’, ‘ଆଖି ଅବୁଝାକୁ ମନ ଅବୁଝା’, ‘ମଣିଷ ଦେଖିଲେ ଡର ଲାଗୁଛି’, ‘ମୀରା ପିନ୍ଧିଦେଲା ରାଧା ସିନ୍ଦୁର’, ‘ବଦ୍‌ମାସ’, ‘ଛୁଇଁଦେଲେ ମେଘ ବରଷିଯାଏ’, ‘କାଇଁଚମାଳି’, ‘ଭାଗ୍ୟ ଖେଳୁଛି ଖେଳ’ ପରି ନାଟକ ତାଙ୍କୁ ସଫଳତା ଆଣି ଦେଇଛି।

ପୂଜା କହନ୍ତି, ଯାତ୍ରା ଜଗତର ଗୁରୁ ଦୈତାରୀ ପଣ୍ଡା, କୈଳାସ ବେହେରା, ଜଗାବାବା ତାଙ୍କୁ ସବୁ ଚରିତ୍ରରେ ଅଭିନୟ କରିବାକୁ ଶିକ୍ଷା ଦେଇଥିଲେ। ଅଦ୍ୟାବଧି ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୧୩ଟି ସମ୍ମାନ ଲାଭ କରିଛନ୍ତି। ତାଙ୍କୁ ମଧ୍ୟ ମିଳିଛି ‘ଚକୋଲେଟ ନାୟିକା’ ସମ୍ମାନ। ଆଗକୁ ଜଣେ ଆଗଧାଡିର କଳାକାର ହେବାକୁ ଲକ୍ଷ୍ୟ ରଖିଛନ୍ତି। କଳା ପାଇଁ ସେ ନିଜ ପରିବାରରୁ ପ୍ରେରଣା ପାଇଛନ୍ତି। ତାଙ୍କ ଜେଜେ ତ୍ରୈଲୋକ୍ୟ ହାରମୋନିୟମ ବଜାଇବା ସହିତ ଗାଁ ଡ୍ରାମାରେ ଅଭିନୟ କରୁଥିଲେ। ତାଙ୍କ ଅଜା ରତ୍ନାକର ଜଣେ ପାଲା ଗାୟକ। ଉଭୟ ଅଜା ଓ ଜେଜେଙ୍କ କଳା ପ୍ରତିଭା ତାଙ୍କୁ କଳା ଜଗତ ପ୍ରତି ଆକୃଷ୍ଟ କରିଛି।



ପୂଜାରାଣୀ ପତ୍ରୀ।

- ସ୍କୁଲରେ ଗୀତ ବୋଲାରୁ ଯାତ୍ରା ମଞ୍ଚ
- ଆଗ ଧାଡିର କଳାକାର ହେବାକୁ ଲକ୍ଷ୍ୟ

## ବିଦ୍ୟୁତ୍ ତାର ଛିଣ୍ଡି ବ୍ୟାପକ କ୍ଷତି

**ସୋର, ୧୬।୩(ଡି.ଏନ୍.ଏ.)**

ସୋରରୁ ଖଇରା ଆଗରପଡ଼ାକୁ ବିଦ୍ୟୁତ ଯୋଗାଣ କରୁଥିବା ୩୩ କେଭି ବିଦ୍ୟୁତ୍ ତାର ସରଶଂଖ ରାଇସ୍ ମିଲ୍ ନିକଟରେ ଶନିବାର ରାତିରେ ଛିଣ୍ଡି ପଡ଼ି ନିମ୍ନରେ ଥିବା ଏଲଟି ଲାଇନ୍ ଉପରେ ପଡ଼ିବାରୁ ସରଶଙ୍ଗ ଗ୍ରାମର ୩ଟି ଘରେ ସମସ୍ତ ବିଦ୍ୟୁତ୍ ସରଞ୍ଜାମ ସର୍ଟ୍‌ସର୍କିଟ୍ ହୋଇ ପୋଡ଼ିଯାଇଛି। ମିଲ୍ ଭିତରେ ଥିବା ଗୋଟିଏ ଖୁଣ୍ଟିର ଷ୍ଟେ କଟିଯିବାରୁ ଖୁଣ୍ଟିଟି ଗଡ଼ିପଡ଼ିଥିଲା। ଫଳରେ ୩୩ କେଭି ଲାଇନ୍ ତଳେ ଲାଗିଯାଇଥିଲା। ଏହି ସମୟରେ ଲାଇନ୍ ତଳେ ଥିବା ଏଲଟି ଲାଇନ୍ ଦେହରେ ସଂଯୋଗ ହୋଇଯିବାରୁ ସ୍ଥାନୀୟ ଶଶିକାନ୍ତ ପରିଡ଼ା, ଅକ୍ଷୟ କୁମାର କର, ସୁରେଶ କୁମାର ଓଝାଙ୍କ ଘର ବିଦ୍ୟୁତ୍ ଲାଇନ୍ ଜଳିଯାଇଥିଲା। ଫଳରେ ମିଟର, ଫ୍ୟାନ୍, ଫ୍ରିଜ୍, ଟିଭି, ବଲ୍‌ବ, ଟ୍ୟୁବଲାଇଟ୍, ଏଲଇଡି ବଲବ ଏବଂ ଘରର ସମସ୍ତ ବିଦ୍ୟୁତ ସରଞ୍ଜାମ ପୋଡ଼ି ନଷ୍ଟ ହୋଇଯାଇଥିଲା।

## ଗ୍ରାମ ନିକଟରୁ କୁକୁଡା ଫାର୍ମ ହଟାଇବାକୁ ଦାବି କଲେ ଗ୍ରାମବାସୀ

**ଖଇରା, ୧୬।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସାରୁଗାଁ ପଞ୍ଚାୟତ ଅଧୀନ ମିଟୁଆଣି ଗ୍ରାମକୁ ଲାଗି ଏକ କୁକୁଡା ଫାର୍ମ କରାଯାଇଥିବାରୁ ଗ୍ରାମର ପରିବେଶ ନଷ୍ଟ ହେଉଛି ବୋଲି ଅଭିଯୋଗ ହୋଇଛି। ପଚା ଗନ୍ଧରେ ଗ୍ରାମବାସୀ ପଦାକୁ ବାହାରି ପାରୁ ନାହାନ୍ତି । ଏଭଳିକି ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ କିଛି ଫଳ ମିଳୁନାହିଁ । ତୁରନ୍ତ ଏହାକୁ ହଟାଇବାକୁ ଗ୍ରାମର ନରେନ୍ଦ୍ର କୁମାର ସାହୁ, ଆରତୀ ସାହୁ, ପ୍ରମିଳା ସିଂ, ବୁଦ୍ଧିରାମ ପାତ୍ର, ମିନତୀ ସିଂଙ୍କ ସମେତ ଶତାଧିକ ଅଧିବାସୀ ୧୨ତାରିଖରେ ବାଲେଶ୍ୱର ଜିଲାପାଳ, ପରିବେଶ ବିଭାଗ, ତହସିଲଦାର, ଖଇରା ପ୍ରାଣୀଚିକିତ୍ସାଧିକାରୀ, ସ୍ଥାନୀୟ ସରପଞ୍ଚ, ଖଇରା ଥାନା ଆଇଆଇସିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଫାର୍ମ ବନ୍ଦପାଇଁ ନିର୍ଦ୍ଦେଶ ଦିଆ ନ ଗଲେ ସମୂହ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଖଇରା ତହସିଲଦାର ପ୍ରଦୀପ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ପରିବେଶ ବିଭାଗ ଏହାକୁ ଅନୁମତି ଦେଇଥିବାରୁ ତାଙ୍କର ବିଶେଷ କିଛି ଭୂମିକା ନାହିଁ। ତଥାପି ଅଭିଯୋଗ ପାଇବା ପରେ ସେ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ଆଦିବାସୀ ସଂସ୍କୃତିର ନିଆରା ଝଲକ ‘ଚଇତି ବଡ଼ାମ ପୂଜା’

**ଔପଦା, ୧୬।୩(ଡି.ଏନ.ଏ.)**

ଚଇତି ବଡାମ ପୂଜା ଲାଗି ବାଲେଶ୍ୱର ଜିଲା ଔପଦା ବ୍ଲକର ଆଦିବାସୀ ଅଧ୍ୟୁଷିତ ଗଡ଼ସାହି ଗ୍ରାମ ଉତ୍ସବମୁଖର ହୋଇପଡିଛି। ଏହି ଗ୍ରାମରେ ପାରମ୍ପରିକ ଭାବେ ଗତ ୧୪ ଅପରାହ୍ନରେ ବନଦେବତାଙ୍କୁ ପୂଜା କରାଯାଇ ବଡ଼ାମଙ୍କ ପାଇଁ ଶାଳଗଛର ଡାଳ ଛେଦନ କରି ଶୋଭାଯାତ୍ରାରେ ଚାଙ୍ଗୁ ଓ ମାଦଳ ବାଦ୍ୟର ତାଳେ ତାଳେ ଗାଁ ଆସ୍ଥାନ ମଣ୍ଡପକୁ ଅଣାଯାଇଥିଲା। ପୂଜକ ଦେହୁରି ନଟବର ଗିରି, ଦାସୀ ନରେନ୍ଦ୍ର ବାରିକ, ଶ୍ରୀଧର କୁଅଁର, ଲାଲମୋହନ କୁଅଁର ପାରମ୍ପରିକ ପୂଜାର୍ଚ୍ଚନା କରିଥିଲେ। ଗତ ୧୪ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ୧୬ ତାରିଖ ରାତିରେ ଉଦ୍‌ଯାପିତ ହେବ।

ଶ୍ରୀକୃଷ୍ଣ ତଥା ଶ୍ରୀଜଗନ୍ନାଥଙ୍କୁ ଆଦିବାସୀମାନେ ବଡ଼ାମ ଦେବତା ରୂପେ ପୂଜା କରନ୍ତି। ବଡ଼ାମ ପୂଜା ପାଇଁ ପୀଠସ୍ଥଳରେ ଗାଁ ସମେତ ପଞ୍ଚାୟତର ଆଖପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ବନ୍ଧୁବାନ୍ଧବଙ୍କ ଆଗମନରେ ପରିବେଶ ଚଳଚଞ୍ଚଳ ହୋଇଉଠେ। ସନ୍ଧ୍ୟା ସମୟରୁ ଆରମ୍ଭ ହେଉଥିବା ସାଂସ୍କୃତିକ ଉତ୍ସବ ସାରାରାତି ଚାଲୁଥିଲା। ପାରମ୍ପରିକ, ଚାଙ୍ଗୁ, ମାଦଲ, ଘଣ୍ଟା ଆଦି ଆଦିବାସୀ ବାଦ୍ୟର ତାଳେ ତାଳେ ଦଳ ଦଳ ହୋଇ ଆଦିବାସୀ ଯୁବତୀ ଯୁବକମାନେ ବଡ଼ାମ ଦେବତାଙ୍କ ପୀଠ ଆସ୍ଥାନ ସମ୍ମୁଖରେ ନିଆରା ନୃତ୍ୟ ପରିବେଷଣ କରିଥିଲେ। ‘ଓଡ଼ିଶା ଦେଶରେ ଜଗନ୍ନାଥ, ଝାଡ଼ ବଣ ମୂଲକରେ ବଡ଼ାମ’ ଆଦିବାସୀ ଭଜନ ସଙ୍ଗୀତ ବାଦ୍ୟନୃତ୍ୟ ପରିବେଷଣ ଆଦିବାସୀ ସଂସ୍କୃତିର ନିଆରା ଝଲକ ପ୍ରଦାନ କରିଥିଲା। ଉତ୍ସବର ସକଳ ଆୟୋଜନ ପାଇଁ ଗ୍ରାମ କମିଟି ସଦସ୍ୟ ଦୁର୍ଯ୍ୟୋଧନ ଖେଜୁରିଆ, ପୁରସ୍ତମ ବାରିକ, ରାମ ଚନ୍ଦ୍ର ଦଳେଇ, ଚନ୍ଦ୍ରମଣି ପାତ୍ର, ଜୟନ୍ତ ସେନାପତି, ଦୀନବନ୍ଧୁ ବିଶ୍ୱାଳ, ପ୍ରଫୁଲ୍ଲ ଦଳେଇ, ଶ୍ରୀଧର ମଢ଼େଇ, ଶତ୍ରୁଘ୍ନ ପାତ୍ର, ମାଧବ ଗିରି, ବନମାଳୀ ବଢ଼େଇ, ସରସ୍ୱତୀ ସେନାପତି, ନିନି ବୁଡ଼ିଗାୟାଁ, ଜିରା ସେନାପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଚାଙ୍ଗୁ, ମାଦଳର ତାଳେ ତାଳେ ନାଚଗୀତ ପରିବେଷଣ କରାଯାଉଛି।

## ସଂକ୍ଷେପରେ

### କିରାଣିଙ୍କୁ ତାଲା ପକାଇଲେ ସ୍ୱାସ୍ଥ୍ୟକର୍ମୀ

ବାରିପଦା ଅଫିସ, ୧୬।୩- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀମାନେ ସୋମବାର ସ୍ୱାସ୍ଥ୍ୟକେନ୍ଦ୍ରର କିରାଣୀଙ୍କୁ ତାଲା ପକାଇ ଧାରଣାରେ ବସିଥିଲେ। କିରାଣୀଙ୍କ ଅବହେଳା ଯୋଗୁଁ ୪ ମାସ ହେଲାଣି ସେମାନେ ଦରମା ପାଇ ନ ଥିବା ଅଭିଯୋଗକରି ସେମାନେ ଧାରଣା ଦେଇଥିବା କହିଛନ୍ତି। ସ୍ୱାସ୍ଥ୍ୟକର୍ମୀମାନେ ଅଭିଯୋଗ କରିଛନ୍ତି ଯେ, ଦରମା ପାଇଁ ସେମାନେ ବାରମ୍ବାର କିରାଣିଙ୍କୁ କହୁଥିବା ବେଳେ ସେ ତାଙ୍କ ବିଲ୍ କରୁ ନାହାନ୍ତି। ଫଳରେ ସୋମବାର ମଧ୍ୟାହ୍ନ ୧୨ଟାରେ କିରାଣି କାର୍ଯ୍ୟାଳୟରେ ବସିଥିବା ବେଳେ ସ୍ୱାସ୍ଥ୍ୟକର୍ମୀମାନେ ତାଲା ପକାଇ ଧାରଣାରେ ବସିଥିଲେ। ସନ୍ଧ୍ୟାରେ ସ୍ୱାସ୍ଥ୍ୟକର୍ମୀମାନେ ତାଲା ଖୋଲି ଦେଇଥିଲେ। ଏହା ପରେ ସ୍ୱାସ୍ଥ୍ୟକର୍ମୀମାନେ ଏହି ଘଟଣାର ସମାଧାନ ପାଇଁ ରାତିରେ ସିଡ଼ିଏମ୍‌ଓଙ୍କୁ ଦେଖା କରିବାକୁ ଆସିଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ଏହାର କୌଣସି ସମାଧାନ ହୋଇ ନ ଥିବା ଜଣାପଡ଼ିଛି।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଝାରପୋଖରିଆ, ୧୬।୩ (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ପାଣ୍ଡରା ଗ୍ରାମରେ ଥିବା ଗାୟତ୍ରୀ ପରିବାର ପକ୍ଷରୁ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆୟୋଜିତ ହୋଇଯାଇଛି। ଆଶୋକ କୁମାର ପାଇକରାଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ବାବା ପାଣ୍ଡବେଶ୍ୱର ବୁଢ଼ା ମହାଦେବଙ୍କ ମନ୍ଦିର ବେଢ଼ା ପରିସରରେ ଏହି ମହାଯଜ୍ଞର ଆୟୋଜନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖବରଦାତା ସୁଧୀର କୁମାର ମହାନ୍ତ ଯୋଗ ଦେଇଥିଲେ। କେନ୍ଦୁଝର ଜିଲା ଗାୟତ୍ରୀ ପରିବାରର ସଂଯୋଜକ କମିଟିର ପ୍ରବଚକ ଚନ୍ଦ୍ରଶେଖର ଉପାଧ୍ୟାୟଙ୍କ ଉପସ୍ଥିତିରେ ସେ ଯଜ୍ଞର ଶୁଭାରମ୍ଭ କରିଥିଲେ। ପରେ ଧର୍ମୀୟ ଆଲୋଚନା କରାଯାଇଥିଲା।ସନ୍ଧ୍ୟାରେ ପ୍ରବଚକ ଦୀପ୍ତିକାନ୍ତ ଶାସ୍ତ୍ରୀଙ୍କ ଦ୍ୱାରା 'ଜୀବନ ବଞ୍ଚିବାର କଳାରେ ଗାୟତ୍ରୀର ଭୂମିକା' ଶୀର୍ଷକ ବିଷୟ ଉପରେ ପ୍ରବଚନ ପ୍ରଦାନ କରାଯାଇଥିଲା। ଯଜ୍ଞକୁଣ୍ଡ ନିକଟରେ ୧୦୮ ଦୀପ ଯଜ୍ଞର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଚିନ୍ମୟ ଭଦ୍ର, ଆଶୋକ ମହାପାତ୍ର ସୁବୀର ପରିଡ଼ା, ଜଗନ୍ନାଥ ଦଣ୍ଡପାଟ, ଏକାଦଶୀ ଦାସ, ରାମଚନ୍ଦ୍ର ଘୋଷ, ଶରତ ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଠାକୁରମୁଣ୍ଡା,୧୬।୩(ଡ଼ି.ଏନ୍.ଏ.)- ଠାକୁରମୁଣ୍ଡା ବ୍ଲକ ମିରିଗିମୁଣ୍ଡି ପଞ୍ଚସଖା ଉଚ୍ଚ ବିଦ୍ୟାଳୟରୁ ଅବସର ନେଇଥିବା ପ୍ରଧାନଶିକ୍ଷକ ହରିହର ମହାନ୍ତଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ରବିବାର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବରେ ଶିକ୍ଷକ ବିଷ୍ଣୁ ଚରଣ ବାରିକଙ୍କ ସମେତ ପ୍ରଶାନ୍ତ କୁମାର ପଲେଇ, କୃଷ୍ଣଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଏଥିସହିତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଅତିଥିମାନେ ଅବସର ପ୍ରାପ୍ତ ଶିକ୍ଷକଙ୍କ ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ନିଷ୍ଠା, ଛାତ୍ର ବତ୍ସଳ ଗୁଣକୁ ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କର ପରବର୍ତ୍ତୀ ଜୀବନର ମଙ୍ଗଳକାମନା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଅମରେଶ ମହାନ୍ତ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଶିକ୍ଷକ ପୁଲକ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦେଶ ଫେରନ୍ତାଙ୍କ ଉପରେ ନଜର

ବାରିପଦା ଅଫିସ, ୧୬।୩



ଖବରଦାତା ସମ୍ମିଳନୀରେ ଜିଲାପାଳ ବିନୀତ ଭରଦ୍ୱାଜ ସୂଚନା ଦେଉଛନ୍ତି।

- ପ୍ରତି ଗ୍ରାମରୁ ତଥ୍ୟ ଦେବେ ଲୋକ ପ୍ରତିନିଧି
- ଗୁଜବ ପ୍ରଚାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ବିଶ୍ୱ ବ୍ୟାପୀ ଆତଙ୍କ ଖେଳାଇଥିବା କରୋନା ଭାଇରସ୍‌ର ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଦେଶରୁ ଗ୍ରାମକୁ ଆସୁଥିବା ଲୋକଙ୍କ ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ମେମ୍ବର ପ୍ରମୁଖ ଲୋକ ପ୍ରତିନିଧିମାନେ ବ୍ଲକର ବିଡ଼ିଓମାନଙ୍କୁ ସୂଚନା ପ୍ରଦାନ କରିବେ। ପରେ ବିଡ଼ିଓ ଉକ୍ତ ତଥ୍ୟ ଜିଲା ପ୍ରଶାସନକୁ ଜଣାଇବେ। ଏଥି ସହ ଜିଲାର ସମସ୍ତ ଶପିଂ ମଲ୍, ହେବାକୁ ଥିବା ବାଣିଜ୍ୟ ମେଳା, ପ୍ରଦର୍ଶନୀ, ଯାତ୍ରା, ଅପେରା ପରିବେଷଣ ବନ୍ଦ ରଖିବାକୁ କୁହାଯାଇଛି। ଏଥିସହ ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟ, କୋଚିଂସେଣ୍ଟର ବନ୍ଦ କରିବା ସକାଶେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଜିଲାପାଳ ବିନୀତ ଭରଦ୍ୱାଜ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇ କହିଛନ୍ତି, ମହାମାରୀ କରୋନା ପାଇଁ ସଚେତନତା ସୃଷ୍ଟି ସକାଶେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ବାରିପଦା ପିଆରଏମ୍ ମେଡ଼ିକାଲ୍ ସମେତ ଜିଲାର ସମସ୍ତ ମେଡ଼ିକାଲରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ୱାର୍ଡ଼ ଖୋଲା ଯାଇଛି। କେହି ସନ୍ଦିଗ୍ଧ ରୋଗୀ ଆସିଲେ ସେମାନଙ୍କୁ ଧାଡ଼ିରେ ଠିଆ ନ କରି ସ୍ୱତନ୍ତ୍ର ୱାର୍ଡକୁ ପଠାଯିବ। ସନ୍ଦିଗ୍ଧ ରୋଗୀଙ୍କ ବିଷୟରେ ସୂଚନା ସଂଗ୍ରହ କରାଯାଇ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱରକୁ ପଠାଯିବା। ରିପୋର୍ଟ ଆସିଲା ପରେ ଯାହା ଜଣାପଡ଼ିବ ସେହି ଅନୁଯାୟୀ ବ୍ୟବସ୍ଥା ଗ୍ରହଣ କରାଯିବ। ସୋସିଆଲ୍ ମିଡ଼ିଆରେ ଯଦି କେହି କରୋନାକୁ ନେଇ ଗୁଜବ ସୃଷ୍ଟି କରନ୍ତି ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ମାସ୍କ ଓ ସାନିଟାଇଜର କଳାବଜାରୀ ହେଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ମଧ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ଜଗଗହଳିପୂର୍ଣ୍ଣ ସ୍ଥାନକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯିବା ସହ କେବଳ ଛୋଟ ଛୋଟ ଦୋକାନ ଖୋଲା ରହିବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି, ଆଇଏଏସ୍ ପ୍ରୋବେଶନର ଭୁବନେଶ ଦେବୀଦାସ ପାଟିଲ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ମୁକାବିଲା ପାଇଁ ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ଯୋଗାଯୋଗ ସକାଶେ ଫୋନ୍ ନମ୍ବର (୦୬୭୯୨) ୨୫୨୯୪୧ ଜାରି କରାଯାଇଛି। ଜିଲାର ଯେ କୌଣସି ବ୍ୟକ୍ତି କରୋନା ସମ୍ପର୍କିତ ତଥ୍ୟ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଟୋଲ ଫ୍ରି ନମ୍ବର (୦୬୭୯୨) ୧୦୭୭କୁ ଜଣାଇ ପାରିବେ।

# ପଲିଥିନ ତଳେ ଜୀବନ

କପ୍ତିପଦା,୧୬।୩(ଡି.ଏନ୍.ଏ)

- ମାସକୁ ଭରସା ୫ଶହ ଟଙ୍କା, ୫କେଜି ଚାଉଳ
- ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରୁ ବଞ୍ଚିତ

ସରକାର ଗରିବ ସୀମାରେଖା ତଳେ ଥିବା ହିତାଧିକାରୀଙ୍କୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ପକ୍କା ଘର ପ୍ରଦାନ ପାଇଁ ନିୟମ କରିଛନ୍ତି । ଯୋଗ୍ୟ ହିତାଧିକାରୀ କିପରି ଏହି ଯୋଜନାରେ ସାମିଲ ହେବେ ସେଥିପାଇଁ ପ୍ରତି ପଞ୍ଚାୟତର ଗ୍ରାମସଭା ଓ ପଲ୍ଲିସଭା ମାଧ୍ୟମରେ ତାଲିକା ପ୍ରସ୍ତୁତ କରାଯାଉଛି। ମାତ୍ର ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ଏହି ଯୋଜନା ସମ୍ପୂର୍ଣ୍ଣ ଦିଗହରା ହୋଇଛି। ଏହି ବ୍ଲକ୍ ଶୁଣୁ ନାହାନ୍ତି । ଘର ବୋଲି ତାଙ୍କର କିଛି ନାହିଁ । ବାଉଁଶ ଉପରେ ପଲିଥିନ ପକାଇ ତାରି ତଳେ ବସବାସ କରୁଛନ୍ତି। ଖରାଦିନିଆ ବର୍ଷା ଓ ଝଡ଼ତୋଫାନ ତାଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି । ସେହି ଘରେ ବିପଦସଙ୍କୁଳ ଅବସ୍ଥାରେ ସେ ରହିବାକୁ ବାଧ୍ୟ ହେଉଛନ୍ତି । ହାଡ଼ଭଙ୍ଗା ଶୀତ କାକର ସମୟରେ ପାଇଖାନା ଭିତରେ ରାତି କଟାଇଥିବା କହିଛନ୍ତି । ଏପରି କି ତାଙ୍କ ଘରର କିଛି ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ସେହି ପାଇଖାନା ଭିତରେ ଥିବା ଦେଖିବାକୁ ମିଳିଛି। ନଡ଼ା ଛପରରେ ଘର ତିଆରି



ଚିରା ଫଟା ପଲିଥିନରେ ତିଆରି ହୋଇଥିବା ଘର।



ପାଇଖାନା ଘରେ ଆଶ୍ରୟ ନେଇଥିବା ସାକ୍ରା ସୋରେନ।

ଅଧୀନ ଲାବଣ୍ୟଦେଈପୁର ପଞ୍ଚାୟତ ୱାର୍ଡ ନଂ.-୧୦ରେ ବସବାସ କରୁଛନ୍ତି ବିଧବା ସାକ୍ରା ସୋରେନ(୬୦)। ସେ ଜଣେ ଅତି ଗରିବ ଶ୍ରେଣୀର ମହିଳା । ୫ବର୍ଷ ତଳେ ତାଙ୍କ ସ୍ୱାମୀ ମଦନଙ୍କ ମୃତ୍ୟୁ ଘଟିଥିଲା। ଏବେ ସେ ଅତି ଦୟନୀୟ ଜୀବନ ଯାପନ କରୁଛନ୍ତି । ପୁଅ ବୋହୂ ଏପରି ଅବସ୍ଥାରେ ତାଙ୍କୁ ଛାଡ଼ି ବାହାରକୁ କାମ କରିବାକୁ ଯାଇଛନ୍ତି। ଘର ନ ଥିବାରୁ ସେମାନେ ମଧ୍ୟ ଗାଁକୁ ଆସୁ ନାହାନ୍ତି । ପରିଣତ ବୟସରେ କାମ କରିବାକୁ ଅଣ୍ଟାରେ ଦମ୍ଭ ନ ଥିବାବେଳେ ରାତି ପାହିଲେ ଜଙ୍ଗଲକୁ ଯାଇ ପତ୍ର ଆଣି ଖଲିପତ୍ର ତିଆରି କଲେ ପେଟକୁ ଦାନା ଯାଏ । ମାସକୁ ବିଧବା ଭତ୍ତା ୫ଶହ ଟଙ୍କା ଓ ୫ କେଜି ଚାଉଳ ତାଙ୍କର ସମ୍ବଳ ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ତ୍ୟୋଦୟ ଯୋଜନାରେ କାର୍ଡଟିଏ ଓ ଘର ଖଣ୍ଡିଏ ପାଇଁ ସେ ପଞ୍ଚାୟତଠାରୁ ବ୍ଲକ୍ ଅଫିସ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିଲେ ମଧ୍ୟ କେହି ତାଙ୍କ ଗୁହାରି କରିବା ଓ ଏହି ଘରକୁ ପ୍ରତିବର୍ଷ ଛାଉଣି କରିବାକୁ ମଧ୍ୟ ତାଙ୍କ ପାଖରେ ଅର୍ଥ ନାହିଁ । ଯାହା ଫଳରେ ଚିରାଫଟା ପଲିଥିନ ତଳେ ତାଙ୍କ ଜୀବନ କଟୁଛି। ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ବହୁ ଥର ଅଭିଯୋଗ କରିଥିଲେ ହେଁ କିଛି ସୁଫଳ ମିଳି ନାହିଁ। ସାକ୍ରାଙ୍କ ଏପରି ଅବସ୍ଥା ଦେଖି ସମାଜସେବୀ ଜୟ ମୁର୍ମୁ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ ଗ୍ରାମର କାନ୍ଦ୍ର ସୋରେନ କୁହନ୍ତି, ଏହି ପରିବାର ଅଗ୍ରାଧିକାର ଭିତ୍ତିରେ ନିଶ୍ଚିତ ଘର ପାଇବା ଦରକାର। ଏ ସଂକ୍ରାନ୍ତରେ କିଛି ଗ୍ରାମବାସୀ ଜିଲାପାଳ, ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆବଶ୍ୟକ ପଡ଼ିଲେ ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ମୁଁ ଜାଣିନି, ସରପଞ୍ଚଙ୍କ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଛନ୍ତି।

# କଲେଜ ଫିଲ୍ଡ ପ୍ରିମିୟର ଲିଗ୍: ସ୍ୱୋର୍ଟେନ ଦଳ ଚାମ୍ପିୟନ




ଅତିଥିମାନେ ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ବାରିପଦା ଅଫିସ, ୧୬।୩

ବାରିପଦା ଷ୍ଟାଡ଼ିୟମ ପଡ଼ିଆଠାରେ ଗତ ୧ ତାରିଖରୁ ଚାଲି ଆସୁଥିବା କଲେଜ ଫିଲ୍ଡ ପ୍ରିମିୟର ଲିଗ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍ୱୋର୍ଟେନ ଦଳ ଚାମ୍ପିୟନ ହୋଇଛି। ଫାଇନାଲ୍ ମ୍ୟାଚ ସ୍ୱୋର୍ଟେନ ଓ ମୁର୍ଗାବାଡ଼ି ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମୁର୍ଗାବାଡ଼ି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୬୧ ରନ୍ କରିଥିଲା। ପରେ ପ୍ରତିପକ୍ଷ ଦଳ ସ୍ୱାର୍ଟେନ ୭ ଓଭରରେ ୩ଟି ୱିକେଟ ହରାଇ ୬୨ ରନ୍ କରି ବିଜୟୀ ହୋଇଥିଲା। ଅତିଥିଭାବେ କଲେଜ୍ ଫିଲ୍ଡ ପ୍ରିମିୟର ଲିଗ୍‌ର ସଭାପତି ଗିରିଶ ଚନ୍ଦ୍ର ଦାସ, ସମ୍ପାଦକ ସଞ୍ଜୀବ ଦ୍ୱିବେଦୀ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଦେବାଶିଷ ମାରାଣ୍ଡି, ଅମିତ ସାହୁ, ବିପ୍ଳବ ବୁଗୁଡ଼େଇ, ଲଲାଟେନ୍ଦୁ ବେହେରା, ଛବି ମାହାଲି, ମୋରଡ଼ା ବିଧାୟକ ରାଜକିଶୋର ଦାସ, ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି , ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଅବଦୁଲ ହବିବ୍ ପ୍ରମୁଖ ଯୋଗ ଦେଇଥିଲେ। ଅମିତ ମହାନ୍ତି ମ୍ୟାନ୍ ଅଫ ଦି ସିରିଜ୍, ଭବାନୀ ସିଂ ମ୍ୟାନ ଅଫ ଦି ମ୍ୟାଚ୍, ସରୋଜ ପରିଡ଼ା ଶ୍ରେଷ୍ଠ ବୋଲ୍‌ର ଭାବେ ଅତିଥିମାନେ ପୁରସ୍କୃତ କରିଥିଲେ। ଲକ୍ଷ୍ମୀକାନ୍ତ ସିଂହ ଓ ମନମୋହନ ମୁର୍ମୁ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। କଲେଜ ଫିଲ୍ଡ ପ୍ରିମିୟର ଲିଗ୍‌ର ଆଭାସ ଦେ, ଜିତ୍ ପଟ୍ଟନାୟକ, ସତ୍ୟ ନାରାୟଣ ଜୀଉ, ଶୁଭମ କୁଳିଆ, ଦେବାଶିଷ ଦାସ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ସାଇଁକୁଳା ଦୋଳ ମେଳା ବନ୍ଦ

କୁଆମରା,୧୬।୩(ଡ଼ି.ଏନ୍.ଏ.)

ଗୋପବନ୍ଧୁ ନଗର ବ୍ଲକର ବହୁ ପୁରାତନ ଦୋଳ ମେଳା ବନ୍ଦ କରିବାକୁ ସୋମବାର ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁ ନିର୍ଦ୍ଦେଶ ଦେଇଛନ୍ତି। କରୋନା ଭାଇରସ ଆତଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସବୁଠି ମେଳା ବନ୍ଦ ପାଇଁ ନିର୍ଦ୍ଦେଶ ମିଳିଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ତହସିଲଦାର ସାହୁ କହିଛନ୍ତି। ଗତ ୧୧ ତାରିଖରୁ ଏହି ମେଳା ଆରମ୍ଭ ହୋଇଥିବା ବେଳେ ହଠାତ ବନ୍ଦ ହୋଇଯିବା ଖବର ପାଇ ଲୋକଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଛି। ବିଶେଷ କରି ବ୍ୟବସାୟୀମାନେ ହତାଶ ହୋଇ ପଡ଼ିଛନ୍ତି। ପ୍ରତିବର୍ଷ ଏହି ମେଳା ୨ରୁ ୩ ସପ୍ତାହ ପର୍ଯ୍ୟନ୍ତ ଚାଲି ଥାଏ। ଆସନ୍ତା ୨୨ ତାରିଖରୁ ଯାତ୍ରା ଆରମ୍ଭ ହେବାକୁ ଥିବା ବେଳେ ଦୋକାନୀମାନେ ସେ ପର୍ଯ୍ୟନ୍ତ ଦୋକାନ ରଖିବା ପାଇଁ ପ୍ରସ୍ତୁତ ହୋଇ ଆସିଥିଲେ। ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲା ତଥା ପଡୋଶୀ ରାଜ୍ୟ ଝାଡଖଣ୍ଡ ଅଞ୍ଚଳରୁ ୨୫୦ରୁ ଊର୍ଦ୍ଧ୍ୱ ଦୋକାନୀ ଏଠାରେ ଦୋକାନ ଖୋଲିଥିବା କମିଟି ପକ୍ଷରୁ କୁହାଯାଇଛି। ତେବେ ୨୦ରୁ ୨୫ ଦିନ ପର୍ଯ୍ୟନ୍ତ ବ୍ୟବସାୟ କରିବା ପାଇଁ ସେମାନେ ଜିନିଷ ପତ୍ର ଆଣିଥିବା ବେଳେ ଏ ପର୍ଯ୍ୟନ୍ତ ୧୦ ପ୍ରତିଶତ ବିକ୍ରି ହୋଇ ନ ଥିବା ଦୋକାନୀ ମନୋଜ କୁମାର ପୁହାଣ, ଚନ୍ଦ୍ରକାନ୍ତ ସେଠୀ, ଦିନେଶ ପ୍ରଧାନ ପ୍ରମୁଖ କହିଛନ୍ତି। ତେବେ ମେଳା ସ୍ଥାନରେ ଦୋକାନ ପାଇଁ ଜାଗାକିଣା, ଜିନିଷ ପତ୍ର ନେବା ଆଣିବା ପାଇଁ ଦୋକାନୀମାନେ ପ୍ରାୟ ୧୦ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଏବେ ମେଳାକୁ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯିବା ପରେ ପୁଣି ଲକ୍ଷାଧିକ ଟଙ୍କାର ଜିନିଷକୁ କେମିତି ବୋହି ନେବେ ତାହାକୁ ନେଇ ଦୋକାନୀମାନଙ୍କ ଚିନ୍ତା ବଢ଼ି ଯାଇଛି। ତେବେ ପ୍ରଶାସନର ନିୟମକୁ ମାନିବାକୁ ସମସ୍ତେ ବାଧ୍ୟ ବୋଲି ଦୋଳ କମିଟିର ସମ୍ପାଦକ ଚନ୍ଦ୍ରଶେଖର ଦାସ କହିଛନ୍ତି।

# ୪ ଚୋରାମଦ ବେପାରୀ ଗିରଫ



ଗିରଫ ହୋଇଥିବା ଅଭିଯୁକ୍ତମାନେ।

ଖୁଣ୍ଟା,୧୬।୩(ଡ଼ି.ଏନ୍.ଏ.)

ଖୁଣ୍ଟା ଅବକାରୀ ବିଭାଗ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ ମହିଳାଙ୍କ ସମେତ ୪ ମଦ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ଠାରୁ ୧୯ ଲିଟର ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ବାଲିଡିହା ଗ୍ରାମର ସୁକମଣି ସୋରେନ, ଭଣ୍ଡଗାଁ ଗ୍ରାମର ମଙ୍ଗଲ ହାଁସଦା, ନଛିପୁର ଗ୍ରାମର ସୁମତି ମାର୍ଣ୍ଡି ଓ ସୁରୁକୁନା ଗ୍ରାମର ଫାତୁ ମୁର୍ମୁ। ଏଏସଆଇ ଶରତ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

# 'କରୋନା' ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି

ବଡ଼ସାହି,୧୬।୩(ସ୍ୱ.ପ୍ର)

ମହାମାରୀ କରୋନାର ମୁକାବିଲା ପାଇଁ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରତି ଗାଁ, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଉଛି। ଡାକ୍ତରଖାନାରେ ଥିବା ଏକ କୋଠରୀକୁ ଆଇସୁଲେଟେଡ୍ କରିବା ପାଇଁ ପୂର୍ତ୍ତ ଓ ବିଦ୍ୟୁତ ବିଭାଗ ପକ୍ଷରୁ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଥିବା ଭାରପ୍ରାପ୍ତ ଡାକ୍ତର ସଞ୍ଜୀବ ବଇତାଇ କହିଛନ୍ତି। ଡାକ୍ତରଖାନା ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ବିଦେଶରୁ ଫେରୁଥିବା ଲୋକ ଓ ସେମାନଙ୍କ ପରିବାର ବର୍ଗଙ୍କ ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ସମସ୍ତ ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଡାକ୍ତରଖାନାରେ ଆଦୌ ମାସ୍କ ନ ଥିବାରୁ ଏନେଇ ଜିଲା କାର୍ଯ୍ୟାଳୟକୁ ଜଣାଯାଇଛି। ସେହିପରି ଗାଁ ଗଣ୍ଡାରେ ଚାଲିଥିବା ମେଳା, ଯାତ୍ରା, ଅପେରା, ସମାବେଶ, ଶୋଭାଯାତ୍ରା ଆଦି ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହେବ। ଏହି ରୋଗକୁ କିପରି ପ୍ରତିରୋଧ କରାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯିବ ବୋଲି ବିଡିଓ ଦିଲୀପ କୁମାର ମହାରଣା ପ୍ରକାଶ କରିଛନ୍ତି । ତେବେ ଗାଁ ଗଣ୍ଡାରେ ଚାଲୁଥିବା ହାଟ ଗୁଡ଼ିକରେ ଜନସମାଗମ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଆଲୋଚନା ହେଉଛି ।

# ବେଆଇନ ବାଲି ଉଠାଣକୁ ଗ୍ରାମବାସୀଙ୍କ ବିରୋଧ

କପ୍ତିପଦା,୧୬।୩(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ସୋନ ନଦୀର ବିଶୋଳ ପଞ୍ଚାୟତ ନିକଟ ଏକ ବାଲି ଘାଟରୁ ଜେସିବି ଲଗାଇ ବେଆଇନ ଭାବେ ବାଲି ଉତ୍ତୋଳନ ଘଟଣାକୁ ନେଇ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣା ମଧ୍ୟ ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଛି। ଜେସିବି ମାଧ୍ୟମରେ ବାଲି ଉତ୍ତୋଳନ ହୋଇ ପାରିବ ନାହିଁ ବୋଲି ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରି ରବିବାର ରାତି ସମୟରେ ବାଲି ଉତ୍ତୋଳନ ହେଉଥିବା ଖବର ପାଇ ଗ୍ରାମବାସୀ ତହସିଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲ ପକ୍ଷରୁ ଏ ସମ୍ପର୍କରେ କପ୍ତିପଦା ଥାନାଧିକାରୀ ସଞ୍ଜୟ ପ୍ରଧାନଙ୍କୁ ଅବଗତ କରାଯିବା ପରେ ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୋଲିସକୁ ଦେଖି ଗାଡ଼ି ମାଲିକ ନଦୀ ଉପରକୁ ଗାଡ଼ି ଉଠାଇ ଆଣିଥିଲେ। ଏ ସଂକ୍ରାନ୍ତରେ ଥାନାଧିକାରୀ ତହସିଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ମାତ୍ର ତହସିଲ ପକ୍ଷରୁ ଗାଡ଼ି ମାଲିକଙ୍କୁ ତାଗିଦ କରି ଛାଡ଼ି ଦିଆଯାଇ ଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ପ୍ରଶାସନର ଏଭଳି ପଦକ୍ଷେପକୁ ତୀବ୍ର ବିରୋଧ କରାଯିବ ବୋଲି ସେମାନେ କହିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଅଜୟ କୁମାର ଦାସ, ରବୀନ୍ଦ୍ର କୁମାର ସାହୁ, ରସାନନ୍ଦ ମହାନ୍ତି, ନରେନ୍ଦ୍ର ବେହେରା ଓ ଜଗନ୍ନାଥ ଖଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ମେଶିନ ଲଗାଇ ବାଲି ଉତ୍ତୋଳନ କରାଯିବାରୁ ନଦୀ ଗର୍ଭ ଅଧିକ ଗଭୀର ହେବାରେ ଲାଗିଛି। ଫଳରେ ଗୋରୁ, ଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ନଦୀକୁ ଓହ୍ଲାଇ ପାଣି ପିଇବାକୁ ସମସ୍ୟାର ସମ୍ମୁଖୀନ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଟ୍ରକ୍, ଡମ୍ଫର ଓ ଟ୍ରାକ୍ଟରରେ ରାତିଦିନ ଗ୍ରାମ ମଧ୍ୟଦେଇ ବାଲି ପରିବହନ କରାଯାଉଥିବାରୁ ଗ୍ରାମ ରାସ୍ତା ମରଣଯନ୍ତା ପାଲଟିଛି । ଟ୍ରକ୍ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଦେଖି ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ପ୍ରତିକାର ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ଜେସିବି ମାଧ୍ୟମରେ ଡମ୍ଫରରେ ବାଲି ବୋଝେଇ କରାଯାଉଛି।

# ଜ୍ୟୋତି ରଥକୁ ସମ୍ବର୍ଦ୍ଧନା

କୋଷ୍ଟା,୧୬।୩(ଡ଼ି.ଏନ୍.ଏ.)

ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ବଳାଙ୍ଗୀ ମହୋତ୍ସବ ସକାଶେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ସାରା ଜିଲା ପରିକ୍ରମା କରୁଥିବା ଜ୍ୟୋତିରଥ ଶୁଳିଆପଦା ବ୍ଲକର ବାଘଡାଠାରେ ସୋମବାର ଅପରାହ୍ନରେ ରଥ ପହଞ୍ଚିଥିଲା। ରଥ ସହିତ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ୫୦ରୁ ଊର୍ଦ୍ଧ୍ୱ ବଳାଙ୍ଗୀ ମହୋତ୍ସବ ସଂସ୍କୃତି ସୈନିକ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବରିଷ୍ଠ ସଦସ୍ୟ ଶିକ୍ଷାବିତ ନରେନ୍ଦ୍ର ମହୋନ ସେନାପତି, ଜ୍ଞାନରଞ୍ଜନ ତ୍ରୀପାଠୀ ପ୍ରମୁଖ ପହଞ୍ଚିଥିଲେ । ସେଠାରେ ଉପସ୍ଥିତ ଜନସାଧାରଣ ଏହି ରଥକୁ ସ୍ୱାଗତ କରିଥିଲେ। ୫୪ ନଂ. ଜୋନ ଜିଲା ପରିଷଦ ସଦସ୍ୟା ମୀରା ଧୀରଙ୍କ ସମେତ ଅନ୍ୟମାନେ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଜମି ସମତୁଲ ଯୋଜନାରେ ପ୍ରତାରଣା ଅଭିଯୋଗ

କପ୍ତିପଦା,୧୬।୩(ଡ଼ି.ଏନ୍.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଜାମବଣୀ ପଞ୍ଚାୟତ ସୁଡୁସୁଡିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାଣ୍ଡିଆ ନାମକ ଜଣେ ଚାଷୀ ସରକାରୀ ଯୋଜନାରେ କାର୍ଯ୍ୟାଦେଶ ପାଇ ଜମି ସମତୁଲ କରାଇବା ପରେ ବିଲ୍ ନ ପାଇ ପ୍ରତାରଣାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ କପ୍ତିପଦା ବ୍ଲକ, ଜିଲା ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ଜଣାଇବା ସହ ଭୁବନେଶ୍ୱର ସ୍ଥିତ ମାନବ ଅଧିକାର ଆୟୋଗ ଏବଂ ରାଜ୍ୟ ସରକାରଙ୍କୁ ଅବଗତ କରାଇ ନ୍ୟାୟ ଅପେକ୍ଷାରେ ରହିଛନ୍ତି। ଏହାମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଲାଗି ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ପୂର୍ଣ୍ଣଚନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଜମି ସମତୁଲ କରିବା ଲାଗି ସେ ଗତବର୍ଷ ମାର୍ଚ୍ଚ ୧ ତାରିଖରେ ପଞ୍ଚାୟତରୁ କାର୍ଯ୍ୟାଦେଶ ପାଇଥିଲେ। କାମ ସରିବା ପରେ ପଞ୍ଚାୟତ ଦାୟିତ୍ୱରେ ଥିବା ଜଣେ ଯନ୍ତ୍ରୀ ଅନ୍ୟ ଅଧିକାରୀଙ୍କ ସହ କାର୍ଯ୍ୟସ୍ଥଳକୁ ଯାଇ ତଦାରଖ କରିବା ସହିତ ଫଟୋ ଉଠାଇ ଆଣିଥିଲେ। ଏହା ମଧ୍ୟରେ ୩ ମାସ ବିତି ଯାଇଥିଲେ ବି ତାଙ୍କୁ ବିଲ୍ ମିଳି ନ ଥିବାରୁ କାମ କରିଥିବା ଶ୍ରମିକଙ୍କୁ ପ୍ରାପ୍ୟ ଦେଇ ନ ପାରି ହତାଶ ହୋଇପଡିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ବୁଦ୍ଧେଶ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ଉଚ୍ଚ ଅଧିକାରୀ ଏହାର ତଦନ୍ତ କରି ଫେରିଛନ୍ତି, ସେମାନେ ଯାହା କିଛି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଆଖଣ୍ଡଳମଣି ମନ୍ଦିର ବେଢ଼ାରେ ହରିହାଟ

**ଆରଡ଼ି, ୧୬।୩ (ଡି.ଏନ.ଏ.):** ଭଦ୍ରକ ଜିଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ାରେ ରବିବାର ରାତିରେ ହରିହାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଆଶ୍ରମର ବାମ୍ଫା ବାବାଙ୍କ ତରଫରୁ ଏହି ଉତ୍ସବ ହୋଇଥିଲା। ୬୪ ଜଣ ସେବାୟତ ଓ ଶ୍ରଦ୍ଧାଳୁ ୩ ଘଣ୍ଟା ଧରି ଦୀପ ଜଳାଇ ଭାଗବତ ପଠନ କରିଥିଲେ। ହରିହାଟ ପୂର୍ବରୁ ପରମ୍ପରା ଅନୁସାରେ ପୀଠରେ ଦୁଇଦିନ ଧରି ଅଷ୍ଟପ୍ରହର ନାମ ସଂକୀର୍ତ୍ତନ କରାଯାଇଥିଲା। ନାମ ସଂକୀର୍ତ୍ତନ ସହ ଶ୍ରଦ୍ଧାଳୁମାନେ ଭଜନ ମଧ ପରିବେଷଣ କରିଥିଲେ। ପରେ ଏଠାରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଭକ୍ତମାନେ ପୀଠକୁ ଆଗମନ କରିଥିଲେ।

### ମାଳଦାରେ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ

**ଭଣ୍ଡାରିପୋଖରୀ, ୧୬।୩(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଚତୁର୍ଭୁଜପୁରସ୍ଥିତ ଛୋଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଲ୍ୟାଣ ମଣ୍ଡପ ନିର୍ମାଣ ହେବ। ସୋମବାର ଜିଲାପରିଷଦ ଉପାଧକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ଦାସ, କନିଷ୍ଠ ଯନ୍ତ୍ରୀ ଆଶିଷ କୁମାର ରାଉତ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳ କିଶୋର ପଣ୍ଡା, ସରପଞ୍ଚ ରୀତାଞ୍ଜଳି ସାମଲ, ସମିତିସଭ୍ୟ ମୋହନ କୁମାର ରାୟ, ପ୍ରତ୍ୟୁଷ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ର ସଂସଦର ବନ୍ଧୁମିଳନ

**ବାହାନଗା, ୧୬।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଷ୍ଣୁପୁର ଉଚ୍ଚ ବିଦ୍ୟାଳୟର ୧୯୯୮ ମସିହା ବ୍ୟାଚ ଛାତ୍ର ସଂସଦର ଦ୍ୱିତୀୟ ବାର୍ଷିକ ବନ୍ଧୁମିଳନ ବଗଦା ଖେଳପଡିଆ ପରିସରରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ପୁରାତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ସଭାପତିତ୍ୱ କରିଥିଲେ ପୁରାତନ ଶିକ୍ଷକ ଗଣେଶ୍ୱର ତ୍ରିପାଠୀ। ମୁଖ୍ୟଅତିଥି ଭାବେ ଶ୍ରୀନିବାସ ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ନାୟକ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଗଣେଶ ଚନ୍ଦ୍ର ସାହୁ, ଶରତ ପଣ୍ଡାଙ୍କ ସମେତ ପୁରାତନ ଶିକ୍ଷକମାନେ ଯୋଗ ଦେଇଥିଲେ। ତେବେ ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ପୁରାତନ ଛାତ୍ର ରାଜେଶ ବେହେରା । ମଞ୍ଚ ପରିଚାଳନା କରିଥିଲେ ଶ୍ରୀନିବାସ ଲେଙ୍କା । ସଭାରେ ପୁରାତନ ଶିକ୍ଷକମାନଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୁନୀଲ ମହାଳିକ ଧନ୍ୟବାଦ ଦେଇଥିଲ। କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସମୋନାଥ ସାହୁ ,ରାଜେଶ ବେହେରା ,ପରେଶ ବେହେରା, ସୁଶାନ୍ତ ବେହେରା, ସନ୍ଦୀପ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଔପଦା-ବେତେଇ ରାସ୍ତାକାମରେ ଅନିୟମିତତା

**ଔପଦା, ୧୬।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକର ଔପଦା-ବେତେଇ ୭ କି.ମି. ରାସ୍ତା ଆନ୍ତଃ ଜିଲା ସଡ଼କ ଯୋଗାଯୋଗ କ୍ଷେତ୍ରରେ ଗୁରୁତ୍ୱ ବହନ କରିଆସିଛି। ଏହି ରାସ୍ତା ଦେଇ ପ୍ରତ୍ୟହ ବାଲେଶ୍ୱର-ମୟୂରଭଞ୍ଜ ମଧରେ ବିଭିନ୍ନ ଯାନବାହନ ଚଳାଚଳ କରିଥାଏ। ପ୍ରାୟ ୧କୋଟି ଟଙ୍କା ବ୍ୟୟବରାଦରେ ଉକ୍ତ ରାସ୍ତା ମରାମତି ହେବାର ଦୁଇବର୍ଷ ପୂରିବା ଆଗରୁ ଗତବର୍ଷ ମାର୍ଚ୍ଚ ୮ ତାରିଖରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଆଉ ୨. ୮୪ କୋଟି ଟଙ୍କାର ଏକ ନୂତନ ପ୍ରକଳ୍ପ ମଞ୍ଜୁର ହେବା ଘଟଣା ଏବେ ବିବାଦୀୟ ରୂପ ନେଇଛି। ସ୍ଥାନୀୟ ଯୁବକମାନେ ଏହାକୁ ବିରୋଧ କରିବାରୁ ଗତ ମାସ କାମ ବନ୍ଦ ରହିଥିଲା। ଏବେ ୧୫ଦିନ ହେବ କାମ ଆରମ୍ଭ ହୋଇଛି। ପୁନଶ୍ଚ ନିମ୍ନମାନର କାମ କରାଯାଉଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ସାମାଜିକ


ନିମ୍ନମାନର ମେଟାଲ ମୋରମ୍‌ରେ ରାସ୍ତା କାମ ଚାଲିଛି।

କର୍ମୀ ଅଜୟ କୁମାର ପ୍ରଧାନ, ବିନୟ ପଟ୍ଟନାୟକ, ଶୁଭେନ୍ଦୁ ପଣ୍ଡା, ରଞ୍ଜନ କୁମାର ପଣ୍ଡା, ସଂଗ୍ରାମ କେଶରୀ ପାତ୍ର ପ୍ରମୁଖ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗକାରୀ ଦର୍ଶାଇଛନ୍ତି ଯେ, ପୂର୍ବରୁ ରାସ୍ତା ଅବସ୍ଥା ଏକପ୍ରକାର ଭଲ ଥିବା ସତ୍ତ୍ୱେ ଏହାକୁ ତାଡ଼ି ନୂତନ ପ୍ରକଳ୍ପ ମଞ୍ଜୁରୀ ନାଁରେ ଏବେ ନିମ୍ନମାନର କାମ କରାଯିବାରୁ ସ୍ଥାନୀୟ ଯୁବକମାନେ ଆପତ୍ତି ଉଠାଇଥିଲେ। ବିରୋଧ ହେତୁ ରାସ୍ତା କାମ ମାସାଧିକ କାଳ ବନ୍ଦ ରହିଥିଲା। କାମ ଠିକ୍ ଭାବେ ଓ ଅଧିକ ଚଉଡ଼ାର କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇ ପୁନଃ ରାସ୍ତା କାମ ଆରମ୍ଭ କରିଥିଲେ। ଏବେ ପ୍ରତାପପୁର ମାଟିଗଡ଼ା ଛକରୁ ବେତେଇକୁ ସଂଯୋଗ କରୁଥିବା ରାସ୍ତାକାମ କରାଯାଉଛି। ଏଥିରେ ନିମ୍ନମାନର ମେଟାଲ ବ୍ୟବହାର ସାଙ୍ଗକୁ ମୋରମ୍ ବଦଳରେ ନାଲିମାଟି ମିଶାଯାଇ ରୋଲର ମଡ଼ାଯାଉଥିବାରୁ କିଛିଦିନ ପରେ ରାସ୍ତାରୁ ପୁଣି ମେଟାଲ ଉଠିଯାଉଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିମୋଟର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସରୋଜ ମିଶ୍ରଙ୍କୁ ପଚାରିବାରୁ ରାସ୍ତା କାମରେ ଅନିୟମିତତାକୁ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଗୋକୁଳାନନ୍ଦ ପରିଡା ଅନୁରୂପ ମତ ଦେଇଛନ୍ତି।


ବିଜେଡି ରାଜ୍ୟ ସାଙ୍ଗଠନିକ ସଭାପତି ପ୍ରଣବ ପ୍ରକାଶ ଦାସ ଆଲୋଚନା କରୁଛନ୍ତି।

# କାର୍ଯ୍ୟକାରୀ ହେବ ମାଷ୍ଟରପ୍ଲାନ୍

**ଆରଡ଼ି, ୧୬।୩ (ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବିକାଶ ପାଇଁ ଦୀର୍ଘଦିନ ଧରି ପ୍ରୟାସ ଚାଲିଛି। ଏଥିଲାଗି ମାଷ୍ଟରପ୍ଲାନ ପ୍ରସ୍ତୁତି ହୋଇଛି। ହେଲେ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ମନ୍ଦିର ବେଢ଼ା ସମ୍ପ୍ରସାରଣ ସହ ପୀଠର ରାସ୍ତା ପ୍ରଶସ୍ତୀକରଣ, ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ, ନୂତନ ଭୋଗ ମଣ୍ଡପ, ଫୁଲବଗିଚା ଓ ଅନ୍ୟାନ୍ୟ ଅନେକ କାର୍ଯ୍ୟ କରାଯିବା ପାଇଁ ଯୋଜନା ରହିଥିଲେ ମଧ ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି। ଏଭଳି ସ୍ଥିତିରେ ବିଜେଡି ରାଜ୍ୟ ସାଙ୍ଗଠନିକ ସଭାପତି ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ରବିବାର ଆରଡ଼ି ଆସି ଏଠାରେ ମାଷ୍ଟରପ୍ଲାନ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସୂଚନା ଦେଇଛନ୍ତି। ଏହାକୁ ନେଇ ଆରଡ଼ି ଓ ଏହା ଆଖପାଖ ଅଞ୍ଚଳର ଅଧିବାସୀ ତଥା ଶ୍ରଦ୍ଧାଳୁ ଖୁସି ବ୍ୟକ୍ତ କରିଛନ୍ତି। ବିଜେଡି ରାଜ୍ୟ ସାଙ୍ଗଠନିକ ସଭାପତି ଦାସ ଆରଡ଼ି ସରପଞ୍ଚ ଅରବିନ୍ଦ ପାଢୀ, ଆଶିଷ ପାଢୀ, ସରୋଜ ଦାସ, ଦେବବ୍ରତ ପାଢୀ, ବାବାଜୀ ଶଙ୍କର ପାଢୀ ଓ ଅମରଜ୍ୟୋତି ନାୟକ ପ୍ରମୁଖଙ୍କ ସହ ଆଲୋଚନା କରିଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ନିଯୁକ୍ତ

**ସଜନାଗଡ଼, ୧୬।୩(ଡି.ଏନ.ଏ.)**

କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ବିଭାଗରେ ନିଜର ପ୍ରତିନିଧିମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ନୀଳଗିରି ବ୍ଲକରେ କରୁଣାକର ପଣ୍ଡା ମନ୍ତ୍ରୀଙ୍କ ପ୍ରତିନିଧି ଭାବେ ନିଯୁକ୍ତି ପାଇଥିବା ବେଳେ ବାହାନଗା ବ୍ଲକ ପାଇଁ ବୈରାଗୀ ବେହେରା ନିଯୁକ୍ତି ପାଇଛନ୍ତି। ସେହିପରି ଔପଦା ବ୍ଲକରେ ଲକ୍ଷ୍ମୀକାନ୍ତ ବେହେରା, ନୀଳଗିରି ଏନ୍‌ଏସି ପାଇଁ ଅସିତ କୁମାର ପରିଡା, ନୀଳଗିରି ମେଡ଼ିକାଲ ପାଇଁ ମନୋରଞ୍ଜନ ବେହେରା, ନୀଳଗିରି କଲେଜ ପାଇଁ ସମରଶଙ୍କର କାନୁନ୍‌ଗୋ ଓ ନୀଳଗିରି ଆଇଟିଡିଏ ପାଇଁ ପ୍ରବୀଣ କୁମାର ନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ନିଜର ପ୍ରତିନିଧି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି।

## ବିଦାୟକାଳୀନ ସମ୍ବର୍ଦ୍ଧନା

**ବଉଳା, ୧୬। ୩ (ଡି.ଏନ.ଏ.):** ହାଟଡିହୀ ବ୍ଲକର ଛେନାପଦୀ ବିଶ୍ୱତାରିଣୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ତୃତୀୟ ବର୍ଷ କଳା ଛାତ୍ରୀ ମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାକୁ ଅଧକ୍ଷା ସବିତା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ସୁବାଷ ପାତ୍ର ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ ପ୍ରାଧାପିକା ଉଷାରାଣୀ ଦାସ, ରାଜଶ୍ରୀ ଗୋସ୍ୱାମୀ, ସୁକାନ୍ତି ମହାପାତ୍ର, ଆରତି ମଜୁମ୍ଦାର, ଅଭିରାମ ସ୍ୱାଇଁ, ନିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କଲେଜର ଚାମ୍ପିୟନ ସୁନିତା ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ‘ଜଗନ୍ନାଥ ପଢ଼ିଆରୀ ପରିକ୍ରମା’ ଉନ୍ମୋଚିତ

**ଚାନ୍ଦବାଲି, ୧୬।୩(ଡି.ଏନ.ଏ.)**

ଚାନ୍ଦବାଲି ଅରଣ୍ୟ ନିବାସ ପରିସରରେ ସାରସତ୍ୱ ପ୍ରତିଭା ଜଗନ୍ନାଥ ପଢିଆରୀଙ୍କ ସ୍ମୃତି ଓ ମୂଲ୍ୟାୟନ ସମ୍ମିଳିତ ପୁସ୍ତକ ‘ଜଗନ୍ନାଥ ପଢିଆରୀ ପରିକ୍ରମା’ ଉନ୍ମୋଚିତ ହୋଇଯାଇଛି। ୧୯୩୦ରୁ ୧୯୭୦ ପର୍ଯ୍ୟନ୍ତ ଲିଖିତ ତାଙ୍କ ସାହିତ୍ୟ କୃତି ପ୍ରକାଶିତ ହୋଇପାରି ନ ଥିଲା। ୧୯୮୭ରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ଛାତ୍ର କବି ବିନୋଦ ନାୟକ ଉକ୍ତ କବିତାରେ ପ୍ରଭାବିତ ହୋଇଥିଲେ। ମତୋ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ପଞ୍ଚାନନ ପଲାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ କବିପୁତ୍ର ଡାକ୍ତର ଦେବବ୍ରତ ପଢିଆରୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ପାଦକ ଡ. ଅରବିନ୍ଦ ଗିରି ପୁସ୍ତକର ସମୀକ୍ଷା କରିଥିଲେ। ସାମନ୍ତ ଚନ୍ଦ୍ରଶେଖର କଲେଜର ପୂର୍ବତନ ଅଧକ୍ଷ ଡ. ବଳରାମ ଦାସ ମୁଖ୍ୟଅତିଥି ଓ ଚାନ୍ଦବାଲି କଲେଜର ଅବସରପ୍ରାପ୍ତ ଅଧାପକ କବି ନିରଞ୍ଜନ ବେହୁରିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରଫେସର ଶାନ୍ତନୁ କୁମାର ମହାନ୍ତି, ପ୍ରାଧାପକ ନିମାଇଁ ପଟ୍ଟନାୟକ, ପ୍ରକାଶକ କାଳୀପଦ ପଣ୍ଡା, ଅଭୟ ସୂତାର, ପୂର୍ଣ୍ଣଚନ୍ଦ୍ର ବହଳି ଓ ଡ. ରମାକାନ୍ତ ସିଂ ପ୍ରମୁଖ ଯୋଗଦାନ କରିଥିଲେ। କ୍ଷୀରୋଦ ଥାଟୋଇ, କମଳାକାନ୍ତ ମହାନ୍ତି, ଅଧାପକ ଧୀରେନ୍ଦ୍ର ବାରିକ୍, ନରେଶ ମାଝୀ, କାଦମ୍ବିନୀ ପଢିଆରୀ, ତାରାପଦ ମହାନ୍ତି, ବଳରାମ ମିଶ୍ର, ବିଶ୍ୱକେଶରୀ ମହାନ୍ତି, ଯୁଗଳ କିଶୋର ରାୟ ପ୍ରମୁଖ ଉପସ୍ଥିତ ଥିଲେ।


ଧର୍ମ ସମ୍ମିଳନୀରେ ମଞ୍ଚାସୀନ ସାଧୁସନ୍ଥ।

# ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧିଛି ଆଧାତ୍ମିକ ଚେତନା

**ରୂପ୍‌ସା, ୧୬।୩(ଡି.ଏନ.ଏ.)**

ସତ୍‌ସଙ୍ଗ, ସାଧୁସଙ୍ଗ ଦ୍ୱାରା ଈଶ୍ୱରପ୍ରାପ୍ତି ହୁଏ। ତାଙ୍କ ଭାବଧାରା ହିଁ ସମସ୍ତଙ୍କୁ ମୋକ୍ଷର ମାର୍ଗ ଦେଖାଇଥାଏ। ଆଧାତ୍ମିକ ଚେତନା ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧିରଖିଛି ବୋଲି ବାଲେଶ୍ୱର ଜିଲା ରୂପ୍‌ସା ଥାନା ବାଖରାବାଦ ଶାନ୍ତି ଆନନ୍ଦାଶ୍ରମ ଶାଖା ପକ୍ଷରୁ ଆୟୋଜିତ ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଜିଲାସ୍ତରୀୟ ସନାତନ ଧର୍ମ ସମ୍ମିଳନୀ, ବିଶ୍ୱଶାନ୍ତି ନାମଯଜ୍ଞ ଓ ମହାଯଜ୍ଞ ଉତ୍ସବରେ ଯୋଗଦେଇ ସାଧୁସନ୍ଥମାନେ ମତବ୍ୟକ୍ତ କରିଛନ୍ତି। ଆଶ୍ରମ ପରିଚାଳକ ବାବାଜି ଗୁରୁଚରଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଦିନ ବ୍ୟାପୀ ଆୟୋଜିତ ଏହି ଧର୍ମ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ବାବାଜି ସଦାନନ୍ଦ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। କରମଳା ଶାନ୍ତି ଆନନ୍ଦାଶ୍ରମରୁ ବାବାଜି ହରେକୃଷ୍ଣ ଦାସ, ଉମାକାନ୍ତ ଦାସ, ବନବିହାରୀ ଦାସ, ଦେବାନନ୍ଦ ଦାସ, ତ୍ରିଲୋଚନ ଦାସ, କପିଳ ଦାସ ଓ ନୟନାନନ୍ଦ ସରସ୍ୱତୀ ମହାରାଜ ପ୍ରମୁଖ ଯୋଗଦେଇ ପ୍ରବଚନ ଶୁଣାଇଥିଲେ। ଠାକୁରଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନେ ଏକ ବିଶାଳ କଳସ ଶୋଭାଯାତ୍ରାରେ ଆସି ଆଶ୍ରମରେ ପହଞ୍ଚିଥିଲେ। ପ୍ରତି ସନ୍ଧ୍ୟାରେ ଭଜନ, କୀର୍ତ୍ତନ ସହ ସତ୍ୟନାରାୟଣ ପାଲା ଓ ଶ୍ରୀ ଅଭିରାମ ଲୀଳା ନାଟକ ପରିବେଷଣ ହୋଇଥିଲା। ରୂପ୍‌ସା, ବାଖରାବାଦ, ଓଡ଼ିଆ ଶାସନ ଓ ପଶ୍ଚିମ ସିମୁଳିଆ ଆଞ୍ଚଳିକ ଭକ୍ତଗୋଷ୍ଠୀ ତରଫରୁ ଅଭିରାମ ମହାନ୍ତି, ନିରଞ୍ଜନ ବାରିକ, ରବୀନ୍ଦ୍ର ପ୍ରଧାନ, ରବୀନ୍ଦ୍ର ସେଠୀ, ସୁବଳ ଚନ୍ଦ୍ର ଦାସଅଧିକାରୀ, ନରେନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁରାତନ ଛାତ୍ର ସଂସଦ ବୈଠକ

**ସୋର, ୧୬।୩(ଡି.ଏନ.ଏ.)**

ସୋର ବ୍ଲକ ମାଣଇପୁର ପଞ୍ଚାୟତ ମଧୁବନ ବିଦ୍ୟାମନ୍ଦିର ପରିସରରେ ପୁରାତନ ଛାତ୍ର ସଂସଦର ସଭାପତି ଯଦୁନାଥ ଯଶମୁଖଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସଭାପତି ନିହାର ରଞ୍ଜନ ପାତ୍ର, ସମ୍ପାଦକ ରବୀନ୍ଦ୍ରନାଥ ନାୟକ, କୋଷାଧକ୍ଷ ପ୍ରଦୀପ କୁମାର ସାହୁ ଯୋଗଦାନ କରି ବିଦ୍ୟାଳୟର ଉନ୍ନୟନ ପାଇଁ ଆଲୋଚନା କରିବା ସହିତ ବିଦ୍ୟାଳୟର ଚଳିତବର୍ଷ ହେବାକୁ ଥିବା ରୌପ୍ୟ ଜୟନ୍ତୀ ପାଇଁ ଖସଡ଼ା ପ୍ରସ୍ତୁତି କରାଯାଇଥିଲା। ବୈଠକରେ ସଂସଦର ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟ ସଦସ୍ୟାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଚୋରା ମଦ ବେପାରୀ ଗିରଫ

**ସଜନାଗଡ଼, ୧୬।୩(ଡି.ଏନ.ଏ.)**

ନୀଳଗିରି ଅବକାରୀ ବିଭାଗ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣରେ ଦେଶୀମଦ, ପୋଚ, ସହ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଈଶ୍ୱରପୁର ତରତୁଆ ଗ୍ରାମର ଶିବଧର ଦାସ। ତାଙ୍କଠାରୁ ୪ ଲିଟର ଦେଶୀମଦ ଜବତ କରାଯାଇଛି। ଚଢ଼ାଉରେ ନୀଳଗିରି ଅବକାରୀ ବିଭାଗର ଓଆଇସି ଲକ୍ଷେ ସାଧବ ପ୍ରଧାନ ଅନ୍ୟମାନେ ସାମିଲ୍ ଥିଲେ।

# ଅମ୍ବିକା ଆଶ୍ରମରେ ବସନ୍ତ ଆସର

**ଖଇରା, ୧୬।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ମା’ ଅମ୍ବିକା ଆଶ୍ରମ ପରିସରରେ ମା’ ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦର ସାରସ୍ୱତ କବିତା ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶୀର୍ଷକ ‘ବାସନ୍ତୀକ ରାସ ଏକ ଅନୁଶୀଳନ’ ଉପରେ ମୁଖ୍ୟ ଆଲୋଚକ ଭାବେ ଅର୍ଜୁନ ଚରଣ ଶିଅଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ସନ୍ଧ୍ୟାରାଣୀ ପଟ୍ଟନାୟକ କବିତାଗୁଡିକର


କବିତା ପାଠୋତ୍ସବରେ ଉପସ୍ଥିତ ସଙ୍ଗଠନର ସଦସ୍ୟ।

ସଂଯୋଜନା କରିଥିଲେ। କରୋନା ପ୍ରତିହତ ପାଇଁ ମାଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ସମ୍ପାଦକ ଉମେଶ ଚନ୍ଦ୍ର ମହାନ୍ତି ବିବରଣୀ ପାଠ କରିଥିଲେ। ବିଷ୍ଣୁପଦ ମହାରଣା, ଜଳଧର ଦାସ, ଶଙ୍କର୍ଷଣ ଜେନା, ଅର୍ଜୁନ ମହାରଣା, ନିରଞ୍ଜନ ଦାସ, ମହାପାତ୍ର ପୁରୁଷୋତ୍ତମ ବିଶ୍ୱାଳ ଆସର ଆୟୋଜନରେ ସହଯୋଗ କରିଥିଲେ। ସୌଦାମିନୀ ଶିଅଳ ଧନ୍ୟବାଦ ଅର୍ପଣ କରିଥିଲେ।

# ‘କରୋନା’ ମୁକାବିଲା ପାଇଁ ବୈଠକ

**ହାଟଡିହୀ, ୧୬।୨(ଡି.ଏନ.ଏ.):** କେନ୍ଦୁଝର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ହାଟଡିହୀ ବ୍ଲକରେ ରବିବାର କରୋନା ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ତରବରିଆ ଭାବେ ରବିବାର ଆୟୋଜିତ ହୋଇଥିଲା। ବୈଠକରେ କେତେକ ପିଇଓ ଓ ଜିଆରଏସ ଉପସ୍ଥିତ ଥିବାବେଳେ କୌଣସି ଜନପ୍ରତିନିଧି କିମ୍ବା ବ୍ଲକର ଅନ୍ୟ କର୍ମଚାରୀ ଆସି ନ ଥିଲେ। ଉପସ୍ଥିତି କମ୍ ଯୋଗୁ ଅଳ୍ପ ସମୟ ମଧରେ ବୈଠକ ଶେଷ ହୋଇଥିଲା। ଏସମ୍ପର୍କରେ ସହକାରୀ ଯନ୍ତ୍ରୀ ସୁକାନ୍ତ ନାୟକଙ୍କୁ ପଚାରିବାରୁ କହିଛନ୍ତି, କରୋନା ସଚେତନତା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ତେବେ ହାଟଡିହୀ ବ୍ଲକରେ ବୈଠକ ପାଇଁ ଶନିବାର ରାତିରେ ନିର୍ଦ୍ଦେଶ ଆସିବାରୁ ଅଳ୍ପ ସମୟ ମଧରେ ସମସ୍ତଙ୍କୁ ଡକାଯାଇପାରି ନ ଥିବା କୁହାଯାଉଛି।

# ରୋଗୀଙ୍କୁ ମିଳୁନି ଚିକିତ୍ସା ସେବା

**ବନ୍ତ, ୧୬।୩(ଡି.ଏନ୍.ଏ.)**

ଭଦ୍ରକ ଜିଲା ସଦର ମହକୁମାରୁ ୧୨ କି.ମି. ଦୂର ରାମକୃଷ୍ଣପୁର ଅଞ୍ଚଳରେ ଥିବା ସରକାରୀ ହୋମିଓପାଥିକ ଚିକିତ୍ସାଳୟରୁ ରୋଗୀଙ୍କୁ ଚିକିତ୍ସା ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ୧୯୮୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ଚିକିତ୍ସାଳୟ ଉପରେ ୨୦ରୁ ଅଧିକ ଗ୍ରାମର ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରିଥାନ୍ତି। ବର୍ତ୍ତମାନ ଜଣେ ଡାକ୍ତର, ଜଣେ ଅଣତାଲିମପ୍ରାପ୍ତ ହୋମିଓ ସହାୟକ ଓ ଜଣେ ଝାଡୁଦାରଙ୍କୁ ନେଇ ଚିକିତ୍ସାଳୟ ଚାଲୁଛି। ଡାକ୍ତରଙ୍କ ଅନୁପସ୍ଥିତିରେ ଅଣତାଲିମପ୍ରାପ୍ତ ସହାୟକ କାମ ଚଳାଉଛନ୍ତି। ଏଠାରେ ରୋଗୀଙ୍କୁ ସରକାରୀ ଔଷଧ ଦିଆ ନ ଯାଇ ବାହାରୁ ଔଷଧ କିଣିବାକୁ ପରାମର୍ଶ ଦିଆଯାଉଛି ବୋଲି ରାମକୃଷ୍ଣପୁର ପଞ୍ଚାୟତର ମନୋରଞ୍ଜନ ମହାନ୍ତି, ଦେବେନ୍ଦ୍ର ଦେହୁରୀ, ଧର୍ମେନ୍ଦ୍ର ମହାନ୍ତି,



ରାମକୃଷ୍ଣପୁରଠାରେ ଥିବା ହୋମିଓପାଥିକ୍ ଚିକିତ୍ସାଳୟ।

ଲକ୍ଷ୍ମୀଧର ଜେନା, ଗଣେଶ ପ୍ରସାଦ ବିଶ୍ୱାଳ, ହୃଷୀକେଶ ମଲ୍ଲିକ ପ୍ରମୁଖ ଲିଖିତ ଅଭିଯୋଗ କରି ଭୁବନେଶ୍ୱରସ୍ଥିତ ଆୟୁଷ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏବେ କରୋନା ଲାଗି ସବୁଠି ସଚେତନା ସୃଷ୍ଟି କରାଯାଉଥିବା ବେଳେ ଏ ଅଞ୍ଚଳର ସ୍ୱାସ୍ଥ୍ୟସେବା ସମସ୍ୟାର ପ୍ରତିକାର କରିବାକୁ ଲୋକେ ଦାବି କରିଛନ୍ତି।

# ବାଲେଶ୍ୱର ମିଶନ ଟାଇଗର ଚାମ୍ପିୟନ

**ବାଲିଆପାଳ, ୧୬।୩(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗ୍ରାମରେ ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ଆଦିବାସୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର ମିଶନ

**ରାଜ୍ୟସ୍ତରୀୟ ଆଦିବାସୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

ଟାଇଗର ଚାମ୍ପିୟନ ହୋଇଛି। ଶନିବାର ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୪ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ବାଲେଶ୍ୱର ମିଶନ ଟାଇଗର ଓ ମୟୂରଭଞ୍ଜ ଧର୍ମପୁର ଟିମ୍ ମଧରେ ଅନୁଷ୍ଠିତ ହୋଇଥିଲା। ମିଶନ ଟାଇଗର ନିର୍ଦ୍ଧାରିତ ସମୟ ସୀମା ମଧରେ ଧର୍ମପୁର ଟିମ୍‌କୁ ଦୁଇଟି ଗୋଲ ଦେଇ ଚାମ୍ପିୟନ ହୋଇଛି। ଏହାପରେ କମିଟି ସଭାପତି ସୁକୁଲ କିସ୍କୁ, ଉପସଭାପତି କାଳୀଚରଣ


ଚାମ୍ପିୟାନ ଦଳକୁ ମୁଖ୍ୟଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ହାଁସଦା ଏକ ପୁରସ୍କାର ବିତରଣ ସଭା ଆୟୋଜନ କରିଥିଲେ। ଏଥିରେ ଓଡ଼ିଶା ପ୍ରାଇଡ଼ର ସଭାପତି ତଥା ସମାଜସେବୀ ମାନସ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଦଳକୁ କମିଟି ତରଫରୁ ଘୋଷଣା କରାଯାଇଥିବା ଅର୍ଥ ରାଶି ସହିତ ଫାଇନାଲ ଖେଳିଥିବା ଦୁଇ ଦଳକୁ ଗୋଟିଏ ଲେଖାଏଁ ଫୁଟବଲ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସରୋଜ କୁମାର ପିଳା ରନର୍ସଅପ୍ ଦଳକୁ ଅର୍ଥ ରାଶି ପ୍ରଦାନ କରିଥିଲେ। ଅର୍ଦ୍ଧେନ୍ଦୁ ବାରିକ ସଭା କାର୍ଯ୍ୟ ପରିଚାଳନା କରି ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। କାହ୍ନା ହାଁସଦା, ନାଗ ହାଁସଦା, ପୁନ ହାଁସଦା, ସଞ୍ଜୟ ମୁର୍ମୁ, କମଳାକାନ୍ତ ମାଝୀ, ବସନ୍ତ ହାଁସଦା, ଶିବ ହାଁସଦା, ଲକ୍ଷ୍ମଣ ମୁର୍ମୁଙ୍କ ସହିତ କମିଟିର ସମସ୍ତ ସଦସ୍ୟ ବଣ୍ଟନ ବିଭାଗ ଅନୁଯାୟୀ କାର୍ଯ୍ୟ ତୁଲାଇଥିଲେ। ଫାଇନାଲ ମ୍ୟାଚ୍‌ରେ ରେଫେରି ଭାବେ ବାଲେଶ୍ୱରରୁ ପ୍ରୀତମ୍ ମାଝୀ, ସଞ୍ଜୀବ ଭଟାଚାର୍ଯ୍ୟଙ୍କ ସହିତ ବାଲିଆପାଳ ଅଞ୍ଚଳର ବାସୁଦେବପୁର ଗ୍ରାମର ସଞ୍ଜୟ ମୁର୍ମୁ ଯୋଗଦେଇ ଖେଳ ପରିଚାଳନା କରିଥିଲେ।

DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୭/୨୦୨୦ Balasore, Tuesday, March 17/2020

## ସଂକ୍ଷେପରେ

### ବନ୍ତରେ କରୋନା ସନ୍ଦିଗ୍ଧ

**ବନ୍ତ,୧୬।୩(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ମାଳତିରା ଗ୍ରାମରେ ଜଣେ ଯୁବକଙ୍କୁ କରୋନା ଆକ୍ରାନ୍ତ ସନ୍ଦେହ କରାଯାଉଛି। ଏ ନେଇ କୌଣସି ସୂତ୍ରରୁ ଖବର ପାଇ ବନ୍ତ ଥାନା ପୋଲିସ ସୋମବାର ରାତିରେ ସମ୍ପୃକ୍ତ ଯୁବକଙ୍କ ଘରେ ପହଞ୍ଚି ତାଙ୍କୁ ଥାନାକୁ ନେଇ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ମଙ୍ଗଳବାର ତାଙ୍କ ରକ୍ତ ପରୀକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ ବୋଲି ପୋଲିସ କହିଛି। ସୂଚନା ଅନୁସାରେ, ସମ୍ପୃକ୍ତ ଯୁବକ ବାଙ୍ଗାଲୋରରେ ରହୁଥିଲେ। ୮ ଦିନ ତଳେ ସେ ଘରକୁ ଆସିଛନ୍ତି। ତାଙ୍କୁ ଥଣ୍ଡା ଓ କାଶ ହୋଇଥିବାରୁ ସେ ଔଷଧ ଖାଉଥିବା ପୋଲିସ ଆଗରେ ପ୍ରକାଶ କରିଥିଲେ।

### ବାଇକ୍‌ରୁ ପଡ଼ି ୨ ଜଣଙ୍କ ଜୀବନ ଗଲା

**କପ୍ତିପଦା,୧୬।୩(ଡ଼ି.ଏନ୍.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ନେଦାମ ନିକଟରେ ସୋମବାର ଅପରାହ୍ନ ୪ଟାରେ ଏକ ବାଇକ୍‌ରୁ ପଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଉଦଳା ଥାନା ଅଧୀନ ପାଟପୁର ଗ୍ରାମର ମନୋଜ ଖଣ୍ଡେଇ ଓ ମଙ୍ଗୁଲୁ ଖଣ୍ଡେଇ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୭୩/୨୦୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ ଏକ ବାଇକ୍ (ନଂ. ଓଡ଼ି୧୧ଏସ-୩୨୪୪)ରେ ୩ ଜଣ ଯାଉଥିବା ବେଳେ ଭାରସାମ୍ୟ ହରାଇ ପଡ଼ି ଯାଇଥିଲେ। ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

### ୪ ବଖରା ଜଳିଗଲା

**ଧାମନଗର,୧୬।୩(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଦେଉଳଡିହି ଗ୍ରାମ ଦାସସାହିରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ଗ୍ରାମର ବାସନ୍ତୀ ଦାସ ଓ ପୁରୁଷ୍ତମ ଦୀକ୍ଷିତଙ୍କର ୨ ବଖରା ଲେଖାଏ ପୋଡ଼ିଯାଇଛି। ଧାମନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

# ସାହସିକତା ଦେଖାଇଲେ ସକୁଲୁ

**ସିମୁଳିଆ, ୧୬।୩(ଡି.ଏନ.ଏ.)**

## ଜଳନ୍ତା ଘରୁ ଶିଶୁଙ୍କୁ ଉଦ୍ଧାର କଲେ

ଟିକେ ଡେରି ହୋଇଥିଲେ ଜଣେ ୩ବର୍ଷର ଶିଶୁଙ୍କୁ ଜୀବନ ଚାଲିଯାଇଥାନ୍ତି। ହେଲେ ସକୁଲୁ ସିଂ ନାମକ ଜଣେ ୨୬ବର୍ଷୀୟ ଯୁବକ ନିଜ ଜୀବନକୁ ବାଜି ଲଗାଇ ଜଳନ୍ତା ଘର ମଧ୍ୟରୁ ଉକ୍ତ ଶିଶୁକୁ ଉଦ୍ଧାର କରି ସାହସିକତାର ପରିଚୟ ଦେଇଛନ୍ତି। ସକୁଲୁଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ ବଣଗଡ଼ିଆରେ।

ରବିବାର ସତ୍ୟବ୍ରତ ପାତ୍ର ଓ ତାଙ୍କ ସ୍ତ୍ରୀ କେତକୀ ୩ ପିଲାଙ୍କୁ ଘରେ ଛାଡି ଅନ୍ୟତ୍ର କାମ କରିବାକୁ ଯାଇଥିଲେ।



ସକୁଲୁଙ୍କ କୋଳରେ ଶିଶୁ ସରୋଜ।

ଅପରାହ୍ନରେ ତାଙ୍କ ଘରେ ଅକସ୍ମାତ ନିଆଁ ଲାଗିଯାଇଥିଲା। ଘର ବାହାରେ ଦୁଇ ପୁଅ ଝିଅ ଖେଳୁଥିବା ବେଳେ ସାନ ପୁଅ ସରୋଜ ଘର ଭିତରେ ଶୋଇଥିଲେ। ଅଗ୍ନିକାଣ୍ଡର କାରଣ ଜଣା ନ ଥିଲା। ବାହାରେ ଖେଳୁଥିବା ଦୁଇ ଭାଇ ଭଉଣୀ ଚିତ୍କାର କରିବାରୁ ହଠାତ୍ ଜଣେ ମହିଳା ସାନ ପୁଅ ସରୋଜଙ୍କୁ ଖୋଜିଥିଲେ। ସେ ଘର ଭିତରେ ରହିଯାଇଥିବା ଜଣାପଡ଼ିଥିଲା। ସେତେବେଳକୁ ନିଆଁ ଘର ଛପର ଧରିନେଇଥିଲା। ସାହି ଲୋକେ କେହି ଘର ମଧ୍ୟକୁ ପଶିବାକୁ ସାହସ କରୁ ନ ଥିବା ବେଳେ ସକୁଲୁ କିଛି ଖାତର ନ କରି ଜଳନ୍ତା ଘର ମଧ୍ୟକୁ ପଶିଯାଇ ତାଙ୍କୁ ଉଦ୍ଧାର କରିଥିଲେ। ସକୁଲୁ ଜଣେ ଶ୍ରମିକ ବୋଲି ଜଣାଯାଇଛି।

# ବିଷାକ୍ତ ଛତୁ ଖାଇ ପରିବାରର ୬ ଅସୁସ୍ଥ

**ଖୁଣ୍ଟା,୧୬।୩(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଗୋଭେଇ ଗ୍ରାମରେ ବିଷାକ୍ତ ଜଙ୍ଗଲି ଛତୁ ଖାଇ ଗୋଟିଏ ପରିବାରର ୬ ଜଣ ଅସୁସ୍ଥ ହୋଇ ପଡ଼ିଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ବୁଦ୍ଧୁ ସିଂଙ୍କ ପରିବାର ରବିବାର ଜଙ୍ଗଲି ଛତୁ ତରକାରୀ କରି ଖାଇଥିଲେ। ରାତିରେ ସେମାନଙ୍କ ମଧ୍ୟରୁ ୬ ଜଣ (ବୁଦ୍ଧୁ ସିଂ,ତାଙ୍କ ସ୍ତ୍ରୀ ,ଦୁଇ ପୁଅ ଓ ଦୁଇ ବୋହୁ ) ଙ୍କର ବାନ୍ତି ହେବା ସହିତ ମୁଣ୍ଡ ବୁଲାଇ ଥିଲା। ବିଳମ୍ବିତ ରାତିରେ ଦୁଇ ବୋହୁ ଓ ଶାଶୁଙ୍କୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟମାନଙ୍କୁ ଉଦଳା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦା ପଠା ଯାଇଥିବା ଜଣାପଡିଛି ।

# ନଦୀଘାଟ ନିର୍ମାଣରେ ଅନିୟମିତତା

## ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ଭଦ୍ରକ ଅଫିସ,୧୬।୩**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ କୁସୁନନଗର ଗ୍ରାମବାସୀ ସାଳନ୍ଦୀ ନଦୀଘାଟ ନିର୍ମାଣରେ ଆର୍ଥିକ ଅନିୟମିତତା ଓ ହେର୍‌ଫେର ହୋଇଥିବା ନେଇ ସୋମବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ ଧୋବାସାହିଠାରେ ଗତ କିଛିଦିନ ହେଲା ସାଳନ୍ଦୀ ନଦୀଘାଟ ନିର୍ମାଣ କାମ ଚାଲିଛି। ଏହି ନିର୍ମାଣ କାର୍ଯ୍ୟରେ ବିଭିନ୍ନ ପ୍ରକାର ଅନିୟମିତତା ହେଉଥିବା ଗ୍ରାମବାସୀ ବିଭାଗୀୟ ଜେଇଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ତଦନ୍ତ ନ ହେବାରୁ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଭେଟି ନିମ୍ନମାନର କାମ ହେଉଥିବା, ନାମଫଳକ ନ ଥିବା, ବିଳମ୍ବିତ ରାତିରେ ବିନା ସରକାରୀ ଅଧିକାରୀଙ୍କ ତଦାରଖରେ କାର୍ଯ୍ୟ ହେଉଥିବା, ବାଲିରେ ସମ୍ପୂର୍ଣ୍ଣ କାଦୁଅ, ମେଟାଲ ନିମ୍ନମାନର ଓ ସିମେଣ୍ଟ ପରିମାଣ କମ୍ ଦିଆଯାଉଥିବା ଗ୍ରାମର ଗୋପାଳ ପ୍ରସାଦ ଜେନା, ସୁବାସ ପଣ୍ଡା, ସନାତନ ସେଠୀ, ଉର୍ମିଳା ସେଠୀ ପ୍ରମୁଖ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯାଉ ବୋଲି ସେମାନେ ଦାବି ଜଣାଇଥିଲେ। ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି।

### ଦୁର୍ଘଟଣାରେ ୩ ଗୁରୁତର

**ସୋର, ୧୬।୩(ଡି.ଏନ.ଏ.)**

ସୋର-କୁପାରି ରାସ୍ତା ବେଲଦା ଛକ ନିକଟରେ ସୋମବାର ପୂର୍ବାହ୍ନରେ ଏକ ଡମ୍ପର ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍‌ରେ ଥିବା ରମାକାନ୍ତ ସାହୁ, ତାଙ୍କ ସ୍ତ୍ରୀ, ଦୁଇ ଝିଅ ବିନିଶ୍ରୀ ଓ ଶୁଭଶ୍ରୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ବାପା ଓ ସାନ ଝିଅ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ ହୋଇଛନ୍ତି। ରମାକାନ୍ତଙ୍କ ଘର ଔପଦା ଦାରିପୋଖରୀ ଗ୍ରାମରେ। ସେମାନେ ସୋରରୁ ଘରକୁ ଫେରୁଥିଲେ ବେଳେ ବେଲଦା ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା।

# ବାଇକ୍ ପଛପଟୁ ପିଟିଲା କାର୍: ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ରୂପ୍‌ସା,୧୬।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଦଣ୍ଡିକା ଛକଠାରେ ସୋମବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ବାଇକ୍ ପଛପଟୁ କାର୍ ଧକ୍କା ଦେବା ଫଳରେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ତାଙ୍କ ପତ୍ନୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନ ଉଇଟିକିରି ଗ୍ରାମର ମନ୍ମଥ ପାତ୍ର (୪୮)।

ମନ୍ମଥ ତାଙ୍କ ନୂଆ ବାଇକ୍ ସର୍ଭିସିଂ କରିବାକୁ ପତ୍ନୀ ଟୁନି ପାତ୍ରଙ୍କୁ ନେଇ ବସ୍ତା ଅଭିମୁଖେ ଯାଉଥିଲେ। ଅପରାହ୍ନରେ ବାଲେଶ୍ୱରରୁ କଲିକତା ଅଭିମୁଖେ ଯାଉଥିବା ଏକ କାର୍ (ନଂ. ଡବ୍ଲ୍ୟୁବି୦୨ଏଏମ୍-୮୨୩୩) ଭାରସାମ୍ୟ ହରାଇ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଆହତ ଦମ୍ପତିଙ୍କୁ ଦୁର୍ଘଟଣା ଘଟାଇଥିବା କାର୍ ଯୋଗେ ଡ୍ରାଇଭର ଜଣକ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ରୂପ୍‌ସା ଥାନା ନିକଟରେ କାର୍ ଷ୍ଟାର୍ଟ ବନ୍ଦ ହୋଇଥିଲା। ରୂପ୍‌ସା ଥାନା ପୋଲିସ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ଆହତ ଦମ୍ପତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ସ୍ୱାମୀ ମନ୍ମଥଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପତ୍ନୀ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ବସ୍ତା ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଯୁବକଙ୍କ ଆତ୍ମହତ୍ୟା

**ବାସୁଦେବପୁର,୧୬।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ବାଷଠୀ ଗ୍ରାମର ସନ୍ତୋଷ ସାହୁ ନାମକ ଜଣେ ଯୁବକ ସୋମବାର ଅପରାହ୍ନରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଘରେ ସନ୍ତୋଷଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ସନ୍ଧ୍ୟାରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ସନ୍ତୋଷଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯିବ ପୋଲିସ ସୂଚନା ଦେଇଛି।

# ତ୍ରିବେଣୀ ଘାଟରେ ତିଳତର୍ପଣ

**ବାଲେଶ୍ୱର ଅଫିସ, ୧୬।୩**

ବାଲେଶ୍ୱର ଜିଲା ରେମୁଣା ବ୍ଲକ କାଠସଙ୍ଗଡ଼ାଠାରେ ବଳଙ୍ଗ, ଶୋଣ ଓ ଗଙ୍ଗାହାର ନଦୀର ପବିତ୍ର ସଙ୍ଗମସ୍ଥଳ ତ୍ରିବେଣୀ ଘାଟରେ ପିଣ୍ଡଦାନ ଓ ତିଳତର୍ପଣ କରାଯାଇଛି। ଦୋଳ ପୂର୍ଣ୍ଣିମାଠାରୁ ସବୁଦିନ ବିଭିନ୍ନ ବର୍ଗ ମଧ୍ୟରେ ଗ୍ରାମବାସୀ, ଖବରଦାତା, ଜନପ୍ରତିନିଧି, ବ୍ୟବସାୟୀ, କବି, ସରକାରୀ କର୍ମଚାରୀ, ବ୍ୟକ୍ତିବିଶେଷ ଆସି ତର୍ପଣ କରିଥିଲେ। ସୋମବାର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ପତାକା ସ୍ଥାପନ କରିବା ସହ ତିଳତର୍ପଣ କରିଥିଲେ। ରେମୁଣା ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠାତା ତଥା ଅଗ୍ରଣୀ କୃଷକ ରତ୍ନାକର ପଣ୍ଡାଙ୍କ ପୌରୋହିତ୍ୟରେ କରୁଣାକର ଖଟୁଆ,



ତ୍ରିବେଣୀ ଘାଟରେ ତିଳତର୍ପଣ କରାଯାଉଛି।

ଶିବପ୍ରସାଦ ଜେନା, ଡ. କ୍ଷୀତିଶ୍ୱର ଦାସ, ଚକ୍ରଧର ଦାସ, କମଳାକାନ୍ତ ଦାସ, ନିରଞ୍ଜନ ବିଶ୍ୱାଳ, ଗଙ୍ଗାଧର ମାହାଲ, କୁମୁଦିନୀ ସାମଲ, ଶୁଭଙ୍କର ମହାପାତ୍ର, କଳ୍ପନା ଜେନାଙ୍କ ସହ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ମନ୍ଦାରପୁର ସରପଞ୍ଚ ଗିରିଧାରୀ ଦାସ, ଜିଲା ପରିଷଦ ବିପିନ ମାରାଣ୍ଡି, ସମିତିସଭ୍ୟ ଜୟନ୍ତ ମଣ୍ଡଳ, ସତ୍ୟଜିତ୍ ମିଶ୍ର, ସଞ୍ଜୀବ ଦାସ, ନିରଞ୍ଜନ ବିଶ୍ୱାଳ, ହରିମୋହନ ସାମଲ, ଗଙ୍ଗାଧର ପରମାଣିକ, ପ୍ରଶାନ୍ତ କୁମାର ମଢ଼େଇ ଓ ସ୍ୱାଗତିକା ମହାପାତ୍ର ପ୍ରମୁଖ ତ୍ରିବେଣୀ ସଙ୍ଗମସ୍ଥଳ ପତାକା ସ୍ଥାପନ କରିଥିଲେ। ପରେ ତ୍ରିବେଣୀଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଆବାହକ ବାବାଜୀ ଦୟାନନ୍ଦ ଦାସ, ତ୍ରିବେଣୀ ତୀର୍ଥର ମହାତ୍ମ୍ୟ ବର୍ଣ୍ଣନା କରିଥିବା ବେଳେ ପର୍ଶୁରାମ ବେହେରା, ନିରଞ୍ଜନ ଗିରି ଓ କମିଟିର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଏହି ଅବସରରେ କରୁଣାକର ଖଟୁଆଙ୍କ 'ବ୍ୟଙ୍ଗବିଭା' ତଥା ସୂର୍ଯ୍ୟମଣି ପଣ୍ଡା ସମ୍ପାଦିତ 'ଶ୍ରୀଜଗନ୍ନାଥ' ପତ୍ରିକା ଲୋକାର୍ପଣ କରାଯାଇଥିଲା।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ